visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.245 Bhubaneswar Saturday November 19 2022 | ୨୫ତମ ବର୍ଷ ସଂଖ୍ୟା–୨୪୫ ଭୁବନେଶ୍ୱର, ଶନିବାର, ନଭେମ୍ବର ୧୯, ୨୦୨୨ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

# ଇଚ୍ଛାଧୀନ କୋଟା: ରଦ୍ଦ ହେବନି ଆବଣ୍ଟନ, ୮ବର୍ଷ ପୂର୍ବର ନିଜ ନିଷ୍ପତ୍ତିକୁ ବଦଳାଇଲେ କ୍ୟାବିନେଟ

ଭୁବନେଶ୍ୱର,୧୮।୧୧(ପି.ଏନ): ବହୁଚର୍ଚ୍ଚିତ ଇଚ୍ଛାଧୀନ କୋଟାରେ ଆବଂଟିତ ଘର ଓ ପ୍ଲଟକୁ ରଦ୍ଦ କରିବା ନିମନ୍ତେ ତାରା ଦତ୍ତ କମିଟିର ସୁପାରିଶକୁ ଗ୍ରହଣ କରିଥିବା ରାଜ୍ୟ କ୍ୟାବିନେଟ ପ୍ରାୟ ୮ବର୍ଷ ପରେ ନିଜର ନିଷ୍ପତ୍ତିରୁ ଓହରି ଯାଇଛନ୍ତି । ଆଉ ଇଚ୍ଛାଧୀନ କୋଟାରେ ସମସ୍ତ ପ୍ଲଟ୍ ଓ ଘରର ସିଙ୍ଗଲ ଆବଂଟନ ବୈଧ ରହିବ ତଥା ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ସରକାରଙ୍କ ପ୍ରସ୍ତାବକୁ ଆଜି କ୍ୟାବିନେଟ ଅନୁମୋଦନ କରିଛନ୍ତି । ଅର୍ଥାତ୍ ତାରା ଦତ୍ତ କମିଟି ସୁପାରିଶ ଅନୁସାରେ ଇଚ୍ଛାଧୀନ କୋଟାରେ ଆବଂଟିତ ସମସ୍ତ ଘର ଓ ପ୍ଲଟକୁ ରଦ୍ଦ କରାଯିବ ନାହିଁ ବରଂ କେବଳ ଏହି କୋଟାରେ ଏକାଧିକ ଘର ଅବା ପ୍ଲଟ୍ ନେଇଥିବା ବ୍ୟକ୍ତିଙ୍କ ଆବଂଟନକୁ ରଦ୍ଦ କରାଯିବ । ତାରା ଦତ୍ତ ଟାସ୍କଫୋର୍ସର ସୁପାରିଶକୁ ପ୍ରାୟ ୮ ବର୍ଷରେ ଡଷ୍ଟବିନକୁ ପକାଇ ଇଚ୍ଛାଧୀନ କୋଟାକୁ ଆଇନସମ୍ମତ ଓ ବୈଧ କରିବାକୁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି ।ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକରେ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଇଚ୍ଛାଧୀନ କୋଟାରେ ବିଡିଏ, ସିଡିଏ ଓ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଦ୍ୱାରା ସେତେବେଳର ନିୟମ ବା ବ୍ରୋଚର ଅନୁସାରେ ଯେଉଁମାନଙ୍କୁ ଗୋଟିଏ ପ୍ଲଟ୍ ଅବା କୋଠା ଆବଂଟନ ହୋଇଥିଲା ସେମାନଙ୍କୁ ତାରା ଦତ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ରିପୋର୍ଟରୁ ବାଦ୍ ଦିଆଯିବାକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ଟାସ୍କଫୋର୍ସ ରିପୋର୍ଟର ଅନୁଚ୍ଛେଦ ୪୮(୭)ର ଅନୁମୋଦନ ଅନୁସାରେ,ବିଡିଏ, ସିଡିଏ ଓ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଦ୍ୱାରା ଯେଉଁ ସବୁ ଏକକ ଆବଂଟନ ରହିଛି ତାକୁ ରାଜ୍ୟ




କ୍ୟାବିନେଟ ୮ବର୍ଷ ତଳର ଟାସ୍କଫୋର୍ସ ରିପୋର୍ଟରୁ ବାଦ୍ ଦେବା ପାଇଁ ମଞ୍ଜୁର କରିଛନ୍ତି । ତେବେ ରାଜ୍ୟ କ୍ୟାବିନେଟର ଏଭଳି ନିଷ୍ପତ୍ତି ପରୋକ୍ଷରେ ନିଜର କ୍ଷମତାର ଅପବ୍ୟବହାର କରି ଘର ଓ ପ୍ଲଟ୍ ହାତେଇଥିବା ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସୁହାଇବା ନିମନ୍ତେ ଉଦ୍ଦିଷ୍ଟ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।ତତକାଳୀନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଇଚ୍ଛାଧୀନ କୋଟାରେ ୨ଟି ଘର ହାତେଇଥିବାକୁ ନେଇ ବାଦବିବାଦ ବଢ଼ିବା ପରେ ୨୦୧୧ ମସିହାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇଚ୍ଛାଧୀନ କୋଟାକୁ ସମ୍ପୂର୍ଣ୍ଣ ରଦ୍ଦ କରିଦେଇଥିଲେ । ଆଉ ଆଇଏଏସ୍ ତାରା ଦତ୍ତଙ୍କ ଅଧ୍ୟକ୍ଷତାରେ ଏକ ଟାସ୍କଫୋର୍ସ ଗଠନ କରିଥିଲେ । ଏହି ଟାସ୍କଫୋର୍ସ ନିଜର ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲା, ଯାହାକୁ ୨୦୧୪ ଡିସେମ୍ବର ୧୮ତାରିଖରେ ରାଜ୍ୟ କ୍ୟାବିନେଟ୍ ମଧ୍ୟ ଅନୁମୋଦନ କରିଥିଲେ । ଟାସ୍କଫୋର୍ସ ରିପୋର୍ଟର ଅନୁଚ୍ଛେଦ ୪୮(୭)ରେ ସୁପାରିଶ କରାଯାଇଛି ଯେ, ଇଚ୍ଛାଧୀନ କୋଟାରେ ପ୍ରଥମେ ପ୍ଲଟ ଓ ଘର ପାଇ ତାକୁ ଅନ୍ୟ ନାଁକୁ ଟ୍ରାନ୍ସଫର କରି ପୁଣିଥରେ ଦ୍ୱିତୀୟ ଥର ଇଚ୍ଛାଧୀନ କୋଟାରେ ପ୍ଲଟ୍ ଅବା ଘର ପାଇଥିବା ହିତାଧିକାରୀଙ୍କ ପୂର୍ବ ହସ୍ତାନ୍ତରଣକୁ ରଦ୍ଦ କରାଯିବା ସହ ଏସବୁ ପାଇଁ ଅନୁମତି ଦେଇଥିବା ସିଡିଏ, ବିଡିଏ ଓ ଗୃହ ନିର୍ମାଣ ବୋର୍ଡର ଅଧିକାରୀଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି । ଇଚ୍ଛାଧୀନ କୋଟାରେ ଆବଂଟିତ ଘର ଓ ପ୍ଲଟର ଏଭଳି ବେଆଇନ ହସ୍ତାନ୍ତର ଓ ଏକାଧିକ ପ୍ଲଟ୍ ଅବା ଘର ଆବଂଟନକୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବା ଉଚିତ୍ । ତେବେ ସରକାରୀ ନୀତିନିୟମ ପାଳନ କରି ହିତାଧିକାରୀ ପାଇଥିବା ଗୋଟିଏ ଘର ଅବା ପ୍ଲଟ୍ ?ର ଟ୍ରାନ୍ସଫର ହୋଇଥିଲେ, ସେଗୁଡିକର ଆବଂଟନ ରଦ୍ଦ ନକରିବାକୁ ଟାସ୍କଫୋର୍ସ ରିପୋର୍ଟରେ ଉଲ୍ଲେଖ ରହିଛି । ତେବେ ପ୍ରଶ୍ନ ଉଠୁଛି, ଟାସ୍କଫୋର୍ସ ରିପୋର୍ଟରେ ଇଚ୍ଛାଧୀନ କୋଟାରେ ଘର ଓ ପ୍ଲଟକୁ ବେଆଇନ ଭାବେ ଟ୍ରାନ୍ସଫର କରାଯିବା ଓ ସମ୍ପୃକ୍ତ ହିତାଧିକାରୀ ଦ୍ୱିତୀୟଥର ପୁଣି ଇଚ୍ଛାଧୀନ କୋଟାରେ ଘର ଓ ପ୍ଲଟ ହାତେଇବା ଆଦିରେ ସାମିଲ ଥିବା ସରକାରୀ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ ପାଇଁ ସୁପାରିଶ ହୋଇଥିଲେ ମଧ୍ୟ ସରକାର ଏହା ଉପରେ ପଦକ୍ଷେପ ନନେଇ ସମସ୍ତ ଇଚ୍ଛାଧୀନ କୋଟାକୁ ବୈଧ କରିବା ଏବେ ସରକାରଙ୍କ ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।ସାଧାରଣ ପ୍ରଶାସନ ବିଭାଗର ସୂଚନା ଅନୁସାରେ, ୧୯୯୫ରୁ ୨୦୧୧ ମସିହା ମଧ୍ୟରେ ବିଡିଏ, ସିଡିଏ ଓ ଗୃହ ନିର୍ମାଣ ବୋର୍ଡ ପକ୍ଷରୁ ଇଚ୍ଛାଧୀନ କୋଟାରେ ମୋଟ ୧୭୯୧ଟି ପ୍ଲଟ ଓ କୋଠା ଆବଂଟିତ ହୋଇଛି । ବିଡିଏରେ ୮୦୩, ସିଡିଏରେ ୯୨୧ଟି ଓ ଗୃହ ନିର୍ମାଣ ବୋର୍ଡରେ ୬୭ଟି ଆବଂଟନ ରହିଛି । ସେଥିରୁ ମାତ୍ର ୫୪ଟି ଏକାଧିକ ଆବଂଟନ ଚିହ୍ନଟ ହୋଇଛି । ଯେଉଁଥିରେ ବିଡିଏର ୧୮ଟି, ସିଡିଏର ୩୨ଟି ଓ ଗୃହ ନିର୍ମାଣ ବୋର୍ଡର ୪ଟି ଆବଂଟନ ରହିଛି । ଇଚ୍ଛାଧୀନ କୋଟାରେ ଏକାଧିକ ପ୍ଲଟ୍ ଓ ଘର ନେଇଥିବା ବ୍ୟକ୍ତିଙ୍କୁ ରାଜ୍ୟ ସରକାର ନୋଟିସ୍ ଜାରି କରି ସେମାନଙ୍କୁ ଅତିରିକ୍ତ ଘର ଓ ପ୍ଲଟ୍ ଫେରାଇବା ପାଇଁ ପରାମର୍ଶ ଦେଇଥିଲେ । କିନ୍ତୁ ନିଜର ପ୍ରଭାବ ବିସ୍ତାର କରି ଏସବୁ ଏକାଧିକ ଘର ଓ ପ୍ଲଟ୍ ହାତେଇଥିବା କୌଣସି ବ୍ୟକ୍ତି କିମ୍ବା ସରକାରୀ ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବା ସରକାର ଆଜି ଟାସ୍କଫୋର୍ସ ରିପୋର୍ଟରୁ ଏହି ପ୍ରାବଧାନକୁ ହଟାଇ ସମସ୍ତ ଇଚ୍ଛାଧୀନ କୋଟାକୁ ପୁଣିଥରେ ବୈଧ କରିଦେଇଛି । ଅର୍ଥାତ୍ ଏହି ଅବଧି ମଧ୍ୟରେ ଇଚ୍ଛାଧୀନ କୋଟାରେ ଆବଂଟିତ ମୋଟ ୧୭୩୭ଟି ପ୍ଲଟ୍ ଓ ଘର ଆଇନତଃ ବୈଧ ରହିବ । ଯାହାଫଳରେ ଏଣିକି ଆବଣ୍ଟନକାରୀଙ୍କ ଉତ୍ତରାଧିକାରୀଙ୍କ ସପକ୍ଷରେ ଦାଖଲ ଖାରଜ ଓ ଆବଂଟନ ପରବର୍ତ୍ତୀ କାର୍ଯ୍ୟକଳାପ ସରକାରୀ ଭାବେ ସମ୍ଭବପର ହୋଇପାରିବ ।




ପୂର୍ବତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ୮୯ତମ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି କେରଳର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନଙ୍କ ସହ ସ୍ମୃତି କମିଟିର ସଭାପତି ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଲୋକନୀତି ଖବରକାଗଜର ସମ୍ପାଦକ ଲୋପାମୁଦ୍ରା ବକ୍ସି ପାତ୍ର ପ୍ରମୁଖ ଉପସ୍ଥିତ

## ରାଜ୍ୟ କ୍ୟାବିନେଟରେ ୧୭ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ

ଭୁବନେଶ୍ୱର, ୧୮।୧୧(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ, କୃଷି ଓ କୃଷକ କଲ୍ୟାଣ, ସାଧାରଣ ପ୍ରଶାସନ, ସଂସଦୀୟ ବ୍ୟାପାର, ଯୋଜନା- ସଂଯୋଜନା ଓ ଜଳ ସମ୍ପଦ ବିଭାଗ ସହ ଜଡିତ ମୋଟ ୧୭ଟି ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ରାଜ୍ୟର ମୁଖ୍ୟ ସଚିବ ସୁରେଶ ମହାପାତ୍ର ଓ ଉନ୍ନୟନ କମିଶନର ପ୍ରଦୀପ ଜେନା କ୍ୟାବିନେଟ ବୈଠକରେ ନିଆ ଯାଇଥିବା ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି ।ସେମାନେ କହିଛନ୍ତି ଯେ - ଏହି କ୍ୟାବିନେଟ ବୈଠକରେ ଶିଶୁ ନୀତି-୨୦୨୨ 'ପ୍ରାରମ୍ଭ'କୁ ମଧ୍ୟ ଅନୁମୋଦନ ମିଳିଛି। ଶିଶୁମାନଙ୍କର ବଂଚିବାର ଅଧିକାର ଓ ସୁରକ୍ଷାକୁ ଏହି ନୂଆ ନୀତି ଗୁରୁତ୍ୱ ଦେବ। ଶିଶୁମାନଙ୍କ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଓ ଶିକ୍ଷା ଅଧିକାରକୁ ଗୁରୁତ୍ୱ ଦେବ। ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସବଡିଭିଜନାଲ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟାଳୟ ହସପିଟାଲ ଓଡିଶା ଆଦର୍ଶ ବିଦ୍ୟାଳୟର ରକ୍ଷଣାବେକ୍ଷଣ ଓ ଉନ୍ନତିକରଣ କାର୍ଯ୍ୟକୁ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା କରା ଯିବା ପାଇଁ ଆସିଥିବା ପ୍ରସ୍ତାବକୁ ବୈଠକରେ ଅନୁମୋଦନ ଦିଆ ଯାଇଛି ।ଏହି ବୈଠକରେ ରାଜ୍ୟ ବନ୍ଦର ନୀତି ୨୦୨୨କୁ ମଧ୍ୟ ଅନୁମୋଦନ ପ୍ରଦାନ କରା ଯାଇଛି । ଏହି ନୀତିରେ ଅନ୍ତର୍ଦେଶୀୟ ଜଳପଥ ଏବଂ କ୍ଷୁଦ୍ର ବନ୍ଦରର ବିକାଶକୁ ଗୁରୁତ୍ୱ ଦିଆଯିବ । ଏଥିସହ ବନ୍ଦର କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦିଆଯିବ । ସାମୁଦ୍ରିକ ପର୍ଯ୍ୟଟନ ଓ ବହୁମୁଖୀ ଜେଟିକୁ ପ୍ରୋତ୍ସାହିତ କରାଯିବ ।

## ତାମିଲ ମହାକବି ସୁବ୍ରମଣ୍ୟମ ଭାରତୀଙ୍କ ପରିବାର ସଦସ୍ୟଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ବାରାଣାସୀ/ଭୁବନେଶ୍ୱର, ୧୮।୧୧(ପି.ଏନ): 'କାଶୀ ତାମିଲ ସଙ୍ଗମମ୍' କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଉତ୍ତରପ୍ରଦେଶର ବାରାଣାସୀ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର କାଶୀ ଠାରେ ତାମିଲ ମହାକବି ସ୍ୱର୍ଗତ ସୁବ୍ରମଣ୍ୟମ ଭାରତୀଙ୍କ ସମ୍ପର୍କୀୟ ୯୬ ବର୍ଷୀୟ କେଭି କ୍ରୀଷ୍ଣନ ଏବଂ ପରିବାର ବର୍ଗଙ୍କୁ ସାକ୍ଷାତ୍ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ।ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସାମାଜିକ ନ୍ୟାୟ ଓ ମହିଳା ସଶକ୍ତିକରଣରେ ସୁବ୍ରମଣ୍ୟମଙ୍କ ବିଚାର ଅଧିକ ପ୍ରାସଙ୍ଗିକ ହୋଇଛି । ତାଙ୍କ ଭଳି ଜଣେ ବ୍ୟକ୍ତିତ୍ୱଙ୍କ ବିଚାରକୁ ରୂପ ଦେବାରେ କାଶୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ମହାକବି ଆଗାମୀ ପିଢିଙ୍କ ପାଇଁ ସବୁ ଦିନ ପାଇଁ ପ୍ରେରଣା ହୋଇ ରହିବେ । କାଶୀ ତାମିଲ ସଙ୍ଗମମ ; ଉଭୟ ଅଂଚଳର ସଂସ୍କୃତି ମଧ୍ୟରେ ଥିବା ଦାର୍ଶନିକ ଏକତା, ସମାନତାକୁ ପାଳନ କରିବାର ଉତ୍ସବ । ୧୦୦ ବର୍ଷ ପୂର୍ବେ ଏକତା, ସାଂସ୍କୃତିକ ଚେତନା ଏବଂ ଏକ ଭାରତର କଳ୍ପନା କରିଥିବା ମହାକବିଙ୍କ ବିଚାରକୁ ଆଜି ପ୍ରଧାନମନ୍ତ୍ରୀ ପୂରଣ କରୁଛନ୍ତି । ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରାଣାସୀ ଠାରେ ଏକ ମ୍ୟାସ ବ୍ୟାପୀ କାର୍ଯ୍ୟକ୍ରମ 'ତାମିଲ ସଙ୍ଗମମ'କୁ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୧୭ ନଭେମ୍ବରରୁ ୧୬ ଡିସେମ୍ବର ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। କାଶୀ ଏବଂ ତାମିଲନାଡୁ ଭଳି ଦୁଇ ମହତ୍ୱପୂର୍ଣ୍ଣ ଓ ପ୍ରାଚୀନ ଜ୍ଞାନ କେନ୍ଦ୍ର ମଧ୍ୟରେ ଥିବା ଶତାବ୍ଦୀ ଶତାବ୍ଦୀର ସମ୍ପର୍କକୁ ପୁନର୍ବାର ଉଜ୍ଜୀବିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ପ୍ରଧାନମନ୍ତ୍ରୀଙ୍କ କାଶୀ ଗସ୍ତର ଅବ୍ୟବହିତ ପୂର୍ବରୁ ଶ୍ରୀ ପ୍ରଧାନ ଆଜି ସମସ୍ତ ପ୍ରସ୍ତୁତି ସମୀକ୍ଷା କରିଥିଲେ ।ଏହି ଅବସରରେ ଶ୍ରୀ ପ୍ରଧାନ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କାଶୀ ଓ ତାମିଲନାଡୁ ମଧ୍ୟରେ ଥିବା ଶହ ଶହ ବର୍ଷର ସମ୍ପର୍କର ପ୍ରତିଛବି ହନୁମାନ ଘାଟ ସ୍ଥିତ ଏଚଏଚ କାଂଚି କାମାକୋଟି ପିଠାଧିପତି ଜଗଦଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ମଠକୁ ମଧ୍ୟ ପରିଦର୍ଶନ କରିଥିଲେ । ସେଠାରେ ବେଦ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ ।

## ଭିଜିଲାନ୍ସ ଜାଲରେ ଲାଇନମ୍ୟାନ ୫ ହଜାର ଟଙ୍କା ଲାଂଚ ନେଇ ଧରାପଡିଲେ

କନ୍ଧମାଳ, ୧୮।୧୧(ପି.ଏନ): କନ୍ଧମାଳ ଜିଲ୍ଲା ଟିକାବାଲିର ଲାଇନମ୍ୟାନ କାଳୁଚରଣ ପଲେଇ ୫ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଛନ୍ତି । ବିଦ୍ୟୁତ ସଂଯୋଗ ଦେବାକୁ ଟିକାବାଲି ଛତିଝାର ଅଂଚଳର ଜଣେ ଦୋକାନୀ ରିଙ୍କୁ ଭୁକ୍ତାଙ୍କ ଠାରୁ ଆଜି ଅପରାହ୍ନ ସାଢ଼େ ୧ଟା ସମୟରେ ସେ ଏହି ଟଙ୍କା ନେଇ ଆସୁଥିବା ସମୟରେ ଭିଜିଲାନ୍ସ ଟିମ୍ ହାତରେ ଧରାପଡିଥିଲେ । ଫୁଲବାଣୀ ଓ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ପକ୍ଷରୁ ଏହି ମିଳିତ ଚଢ଼ଉ କରାଯାଇଥିଲା । ଘଟଣାରେ ତାଙ୍କୁ ଗିରଫ କରିଛି ଭିଜିଲାନ୍ସ । ଏ ସଂକ୍ରାନ୍ତରେ ବ୍ରହ୍ମପୁର ଭିଜିଲାନ୍ସ ପକ୍ଷରୁ ୨୫/୨୨ ରେ ଏକ ମାମଲା ରୁଜୁ ହୋଇଛି ।

## ଦୋକାନ ଘରକୁ ଲାଇନ ଦେବାକୁ, ଲାଂଚ ନେଇ ଭିଜିଲାନ୍ସ ହାବୁଡରେ ପଡିଲେ ଲାଇନ ମ୍ୟାନ

କନ୍ଧମାଳ,୧୮।୧୧(ପି.ଏନ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ ଅଂଚଳର ଛତିଝାର ଗ୍ରାମର ଜଣେ କିରାନା ଦୋକାନୀଙ୍କ ଦୋକାନକୁ ବିଦ୍ୟୁତ ସଂଯୋଗ କରାଇଦେବାକୁ ୫ ହଜାର ଟଙ୍କା ଲାଂଚ ମାଗିବା, ଏବଂ ତାଙ୍କଠାରୁ ଆଜି ଦାବି କରିଥିବା ନଗଦ ଅର୍ଥ ତାଙ୍କ ଦୋକାନରୁ ନେବାବେଳେ ଭିଜିଲାନ୍ସ ବିଭାଗ ହାବୁଡରେ ପଡିଛନ୍ତି ଟିପିଏସଓଡିଏଲ ର ଟିକାବାଲି ବିଦ୍ୟୁତ ସେକ୍ସନର ଜଣେ ଲାଇନମ୍ୟାନ । ଭିଜିଲାନ୍ସ ବିଭାଗ ତାଙ୍କଠାରୁ ସମସ୍ତ ୫ ହଜାର ଟଙ୍କା ଜବତ କରିବା ସହିତ ତାଙ୍କୁ ଗିରଫ କରିଛି । ଗିରଫ ଲାଇନ ମ୍ୟାନ ଜଣକର ଘର ଗଞ୍ଜାମ ଜିଲ୍ଲା ଖଲିକୋଟ ଥାନା ଅନ୍ତର୍ଗତ ନୂତନଗୁରାଣ୍ଡି ଗାଁର କାଳୁଚରଣ ପଲେଇ ବୋଲି ଜଣାପଡିଛି । ସେ ବିଭାଗରେ ଜଣେ ଏ ଗ୍ରେଡର ଲାଇନମ୍ୟାନ ଭାବରେ କାର୍ଯ୍ୟରତ ଅଛନ୍ତି । ସୂଚନା ଅନୁସାରେ ଛତିଝାର ଗାଁର ରିଙ୍କୁ ଭୁକ୍ତା,ତାଙ୍କ କିରାଣା ଦୋକାନକୁ ବିଦ୍ୟୁତ ସଂଯୋଗ କରିବାକୁ ବିଭାଗରେ ଆବେଦନ କରିବା ସହିତ, ନିୟମ ଅନୁସାରେ ଟଙ୍କା ମଧ୍ୟ ପଇଠ କରିଥିଲେ । ତାଙ୍କ ଦୋକାନକୁ ଶିଘ୍ର ବିଦ୍ୟୁତ ସଂଯୋଗ କରାଇବାକୁ ରିଙ୍କୁ କାଳୁଚରଣଙ୍କୁ ଅନୁରୋଧ କରିଥିଲେ । ଏଥିପାଇଁ ୫ ହଜାର ଟଙ୍କା ଲାଂଚ ଦାବୀ କରିଥିଲେ କାଳୁଚରଣ । ଏହି ବାବଦରେ ରିଙ୍କୁ,ବ୍ରହ୍ମପୁର ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ । ଭିଜିଲାନ୍ସ ଏହି ସଂକ୍ରାନ୍ତରେ ଏକ ମାମଲା ୨୫/୨୨ ରୁଜୁ କରିଥିଲା । ସହିତ ଆଜି ଅପରାହ୍ନ ୧.୩୦ ମିନିଟରେ ରେ ରିଙ୍କୁ,ଭିଜିଲାନ୍ସର ଯୋଜନା ଅନୁସାରେ, କାଳୁଚରଣଙ୍କୁ ତାଙ୍କ ଦାବୀ ମୁତାବକ ଲାଂଚ ୫ ହଜାର ଟଙ୍କା ଦେବାକୁ କହିବାରେ କାଳୁଚରଣ ଆସି ତାଙ୍କ ଦୋକାନରୁ ଏହି ଟଙ୍କା ନେବାବେଳେ ଭିଜିଲାନ୍ସ ଡିଏସପି ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ତାଙ୍କ ଟିମ୍ ସମସ୍ତ ଟଙ୍କା ସମେତ ତାଙ୍କୁ କାବୁ କରିଥିଲେ । କାଳୁଚରଣଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛି ।

## ଚାଷୀ ସମସ୍ୟା: ବିଧାନସଭା ସମ୍ମୁଖରେ ସତ୍ୟାଗ୍ରହ କଲା ବିଜେପି

ଭୁବନେଶ୍ୱର,୧୮।୧୧(ପି.ଏନ): ଚାଷୀବିରୋଧୀ ରାଜ୍ୟ ସରକାର ବିରୁଦ୍ଧରେ ତଥା ଚାଷୀକୂଳର ସ୍ୱାର୍ଥ ରକ୍ଷା ପାଇଁ ଆଜିଠୁ ବିଧାନସଭା ସମ୍ମୁଖରେ ସତ୍ୟାଗ୍ରହ ଜାରି ରଖିବାକୁ ବିଜେପି ନିଷ୍ପତ୍ତି ନେଇଛି । ଚାଷୀଙ୍କ ରୋଷରୁ ବର୍ତ୍ତିବା ପାଇଁ ନିଜ ଦାୟିତ୍ୱରୁ ଓହରି ଯାଇ ସଂପୂର୍ଣ୍ଣ ମିଛ କଥା କହି କେନ୍ଦ୍ରକୁ ଦୋଷ ଲଦି ଦେବାର ରାଜ୍ୟ ସରକାରଙ୍କ ଅପପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ ବୋଲି ବିଜେପି ଅଭିଯୋଗ କରିଛି ।ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ କେନ୍ଦ୍ରରେ ମୋଦି ସରକାର ପ୍ରତିଶ୍ରୁତିବଦ୍ଧ । କେନ୍ଦ୍ର ସରକାର ଚାଷ ଓ ଚାଷୀଙ୍କ ସମସ୍ୟା ଦୂରୀକରଣ ପାଇଁ ଗତ ୮ ବର୍ଷରେ ବିଭିନ୍ନ ପ୍ରକାରର କୃଷିକଲ୍ୟାଣ ଯୋଜନାର କାର୍ଯ୍ୟକାରୀ କରିଆସୁଛନ୍ତି । ଅନ୍ୟପକ୍ଷରେ ଓଡିଶା ସରକାର କେନ୍ଦ୍ରୀୟ ଯୋଜନାର ସୁଫଳକୁ ଚାଷୀଙ୍କ ପାଖରେ ପଂଚାଇବାରେ ବିଫଳ ହୋଇ ନିଜ ଦୋଷ କେନ୍ଦ୍ର ଉପରେ ଲଦିବାରେ




ବ୍ୟସ୍ତ ରହୁଛି । ସର୍ବଭାରତୀୟ ସ୍ତରରେ ଚାଷୀର ଆୟ କ୍ରମାଗତ ଭାବେ ବୃଦ୍ଧି ପାଇ ୧୦ ହଜାର ହୋଇ ସାରିଥିବାବେଳେ ଦୀର୍ଘ ୨୨ ବର୍ଷ ଧରି ଶାସନ କ୍ଷମତାରେ ଥିବା ବିଜେଡି ସରକାର ଅମଳରେ ଓଡିଶା ଚାଷୀଙ୍କ ଆୟ ମାତ୍ର ୫ ହଜାରରେ ସୀମିତ ହୋଇ ରହିଯାଇଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ବିଜୁ ଜନତା ଦଳ ଚାଷୀଙ୍କ ପାଇଁ କାଳ ସାଜିଥିବାର ପ୍ରମାଣିତ ହୋଇଛି । ବୋଲି ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।ଓଡିଶାରେ ଚାଷୀଙ୍କୁ ରାଜ୍ୟ ସରକାର ସର୍ବଦା ଅବହେଳିତ କରୁଛନ୍ତି । ମଣ୍ଡି ସମସ୍ୟା, ବିହନ ଓ ସାର ଅଭାବ, କଟନି ଛଟନି, ଅବ୍ୟବସ୍ଥିତ ଟୋକନ ବ୍ୟବସ୍ଥା, ବେପାରୀ-ମିଲର-ରାଜ୍ୟ ସରକାରଙ୍କ ମଧୁଚନ୍ଦ୍ରିକା ଭଳି ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତି କାରଣରୁ ଚାଷୀର ଭବିଷ୍ୟତ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି । ବୀମା କଂପାନୀ ପ୍ରତି ରାଜ୍ୟ ସରକାରଙ୍କ ଅହେତୁକ ଅନୁକଂପା, ଆଜି ଚାଷୀମାନଙ୍କ ପାଇଁ କାଳ ସାଜିଛି । ବୀମା କଂପାନୀ ଟଙ୍କାରେ ଶାସକ ବିଜେଡି ନେତା ଓ ମନ୍ତ୍ରୀ ଅଜସ୍ର ଟଙ୍କା ରୋଜଗାର କରୁଛନ୍ତି ସତ, କିନ୍ତୁ ଚାଷୀଟି ନିଜ ନ୍ୟାଯ୍ୟ ହକ୍ ପାଇବାରୁ ବଂଚିତ ହେଉଛି । ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଫଳ ହୋଇଥିବା ଏବଂ ରାଜ୍ୟ ସରକାରଙ୍କ ଚାଷୀମାରଣ ନୀତିକୁ ପ୍ରତିବାଦ କରି ଆଜିଠାରୁ ବିଧାନସଭା ସମ୍ମୁଖରେ ବିଜେପି ସତ୍ୟାଗ୍ରହ ଆରମ୍ଭ କରିଛି । ରାଜ୍ୟ ସରକାର ଚାଷୀକୂଳର ସ୍ୱାର୍ଥ ରକ୍ଷା ପାଇଁ ବିହିତ ପଦକ୍ଷେପ ଗ୍ରହଣ ନକରିବା ପର୍ଯ୍ୟନ୍ତ ଏହି ସତ୍ୟାଗ୍ରହ ଜାରୀ ରହିବ ଏବଂ ଆଗାମୀ ଦିନରେ ଏହି ବିକ୍ଷୋଭ ଓ ପ୍ରତିବାଦ ସଭା ସମସ୍ତ ଜିଲ୍ଲାରେ କରାଯିବ ବୋଲି ଶ୍ରୀ ହରିଚନ୍ଦନ ସତର୍କ କରାଇ ଦେଇଛନ୍ତି ।

## ଟୋଲଗେଟରେ ବିଜେପିର ଗଣଧାରଣା ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ସ୍ଥଗିତ, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଓ ଅର୍ଥ କାରବାର ବିବାଦ

ଭଦ୍ରକ, ୧୮।୧୧(ପି.ଏନ): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ନେଉଳିଆ ଠାରେ ଗତ ୯ ତାରିଖ ଠାରୁ କାର୍ଯ୍ୟକ୍ଷମ ଟୋଲଗେଟରେ ଭାରତୀୟ ଜନତା ପାର୍ଟି ନେତା ବଦ୍ରୀନାରାୟଣ ଧଳଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଆନ୍ଦୋଳନ ୧୦ମ ଦିନରେ ସ୍ଥଗିତ ରହିଛି। ଦାବି ଗୁଡିକ ମଧ୍ୟରେ ଠିକାସଂସ୍ଥା 'ସ୍କାଇଲାର୍କ ଇଂଫ୍ରା ଇଞ୍ଜିନିଅରିଂ' ପକ୍ଷରୁ ଟୋଲଗେଟରେ ଚୁକ୍ତିନାମାକୁ ଏଡାଇ ମନମୁଖି ଭାବେ ନିଯୁକ୍ତି ସମ୍ପର୍କରେ ଯା କରାଯିବା, ନିଯୁକ୍ତି ପାଇଁ ଉତ୍କୋଚ ଆଦାୟ କରାଯିବା, ଜାଲ ପ୍ରମାଣପତ୍ରରେ ନିଯୁକ୍ତି ଦିଆଯିବା, ଶତପ୍ରତିଶତ ସ୍ଥାନୀୟ ନିଯୁକ୍ତିକୁ ନିଶ୍ଚିତ କରିବା, ସ୍ଥାନୀୟ ଯାନବାହନକୁ ସ୍ଥାୟୀ ପାସ ଦିଆଯିବା, କୁଶଗଡିଆ ଡିଭାଇଡରକୁ ପୁନଃ କାର୍ଯ୍ୟକ୍ଷମ କରାଯିବା ଆଦି ଅନ୍ତର୍ଭୁକ୍ତ ଥିଲା। ଶୁକ୍ରବାର ଅପରାହ୍ନରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଠାରୁ ଆଗାମୀ ୭ ଦିନ ମଧ୍ୟରେ ସମାଧାନର ପ୍ରତିଶ୍ରୁତି ମିଳିବା ପରେ ଧାରଣାକୁ ସାମୟୀକ ଭାବେ ସ୍ଥଗିତ ରଖାଯାଇଛି। ପୁଲିସ ଉପଖଣ୍ଡ ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ଟୋଲଗେଟରେ ଧାରଣାକାରୀଙ୍କ ନେତା ବଦ୍ରୀନାରାୟଣ ଧଳ, ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ପୂର୍ବତନ ସଭାପତି ପ୍ରଦୀପ ସାହୁ, ପୂର୍ବତନ ସମିତି ସଭ୍ୟ ପ୍ରଣବ ରାଉତ, ଯୁବନେତା ପ୍ରଦ୍ୟୁମ୍ନ ସେନାପତି, ରାଜେଶ ବିଶ୍ୱାଳ, ପୂର୍ବତନ ସରପ ହାଡିବନ୍ଧୁ ସେନାପତି, ଦଳର ମଣ୍ଡଳ ସଭାପତି ପ୍ରଫୁଲ୍ଲ ସାହୁ, ଗିରିଶ ସାମଲ, ଜିଲ୍ଲା ଉପସଭାପତି ତଥା ପୂର୍ବତନ ସରପ ଜଗବନ୍ଧୁ ଦାସ, ବାବାଜି ଜେନା, ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସେନାପତି, ପ୍ରାକ୍ତନ ସମିତି ସଭ୍ୟ ପ୍ରଣବ ରାଉତ, ଯୁବନେତା ସ୍ୱରାଜ ମହାପାତ୍ର, ରାଜେଶ ବିଶ୍ୱାଳ, ରଙ୍ଗାଧର ରାଉତ, ଦିଲ୍ଲିପ ସାହୁ, ପ୍ରଦୀପ ସାହୁ, କୈଳାସ ସାହୁ, ବିବେକାନନ୍ଦ ସାହୁଙ୍କ ସମେତ ପୁରୁଷ ଓ ମହିଳାଙ୍କୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦୃଷ୍ଟିରୁ ଧାରଣା ପ୍ରତ୍ୟାହାର ପାଇଁ ଅନୁରୋଧ କରିଥିଲେ। ଏହାକୁ ଗ୍ରହଣ କରି ଧାରଣାକୁ ସ୍ଥଗିତ କରାଗଲା ବୋଲି ଶ୍ରୀ ଧଳ ଘୋଷଣା କରିଥିଲେ।

## ବଢ଼ିବ ରାତ୍ରି ତାପମାତ୍ରା, କମିବ ଶୀତ ରାଜ୍ୟର ୬ଟି ସ୍ଥାନରେ ରାତ୍ରି ତାପମାତ୍ରା ୧୨ ଡ଼ିଗ୍ରୀ ତଳେ

ଶିମିଳିଗୁଡାରେ ସର୍ବନିମ୍ନ ୭.୯ ଡ଼ିଗ୍ରୀ

ଭୁବନେଶ୍ୱର, ୧୮।୧୧(ପି.ଏନ): ରାଜ୍ୟରେ ରାତ୍ରି ତାପମାତ୍ରା ହ୍ରାସ ପାଇଛି । ରାଜ୍ୟର ୬ଟି ସ୍ଥାନରେ ପାରଦ ୧୨ ଡ଼ିଗ୍ରୀ ତଳେ ରହିଛି । କୋରାପୁଟ ଜିଲ୍ଲାର ଶିମିଳିଗୁଡାରେ ରାଜ୍ୟର ସର୍ବନିମ୍ନ ରାତ୍ରି ତାପମାତ୍ରା ୭.୯ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ସେହିପରି କନ୍ଧମାଳ ଜିଲ୍ଲାର ଜି.ଉଦୟଗିରିରେ ୮.୬ ଡ଼ିଗ୍ରୀ, କୋରାପୁଟରେ ୧୦.୫ ଡ଼ିଗ୍ରୀ, କନ୍ଧମାଳ ଜିଲ୍ଲାର ଫୁଲବାଣୀରେ ୧୦.୫ ଡ଼ିଗ୍ରୀ, ଦାରିଙ୍ଗବାଡିରେ ୧୧.୫ ଡ଼ିଗ୍ରୀ ଏବଂ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ୧୧.୮ ଡ଼ିଗ୍ରୀ ରେକର୍ଡ଼ ହୋଇଛି ।

## ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି

ପୁରୀ, ୧୮।୧୧(ପି.ଏନ): ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି ।ଏହାକୁ ରୋକିବା ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ବୋଲି କହିଛନ୍ତି ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶ୍ରୀ ପ୍ରଦୀପ କୁମାର ସାହୁ।ଆଜି ପୂର୍ବାହ୍ନ ରେ ଜିଲ୍ଲା ପ୍ରଶାସନ, ୟୁନିସେଫ୍, ଆକ୍ସନ ଏଡ୍ ,ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଓ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ବାଲ୍ୟବିବାହ ନିରୋଧ ସମ୍ପର୍କରେ ଏକ କର୍ମଶାଳା ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ସାହୁ ବିବାହ ଏକ ସାମାଜିକ ପବିତ୍ର କର୍ମ। ଏହାକୁ ସମ୍ପୂର୍ଣ୍ଣ ପାଇଁ ସାମାଜିକ ଓ ଆଇନଗତ ବ୍ୟବସ୍ଥା ରହିଛି। ତେଣୁ ଆଇନାନୁମୋଦିତ ବୟସ ଅନୁସାରେ ବିବାହ କାର?ୟ ହେବା ବିଧେୟ। ଏହାର ଉଲ୍ଲଙ୍ଘନ ପାଇଁ ନିୟମ ଅନୁଯାୟୀ କାର?ୟାନୁଷ୍ଠାନ ପ୍ରାବଧାନ ରହିଥିବାରୁ ଏହାର ବ୍ୟାପକ ସଚେତନତା ସୃଷ୍ଟି ଜରୁରୀ ବୋଲି କହିଥିଲେ। ଅତିରିକ୍ତ ଏସ ପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା ବାଲ୍ୟବିବାହ ଓ ଶିଶୁ ସୁରକ୍ଷାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନିଆଯାଇଛି। ଏଥିପାଇଁ ଶିଶୁ ସୁରକ୍ଷା ଆଇନ ରେ ଏକାଧିକ ବାର ସଂଶୋଧନ ମଧ୍ୟ ହୋଇଛି। ପୋଲିସ ଏଥିରେ ସମସ୍ତ ସହଯୋଗ ଯୋଗାଇ ଦେଉଛି ବୋଲି ସେ କହିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି କର୍ମଶାଳାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟି ର ଅଧକ୍ଷ ଶ୍ରୀ ମହାବୀର ରୁଦ୍ର ନାରାୟଣ ସାହୁ, ସଦସ୍ୟ ରାମ ଶଙ୍କର ପାତ୍ର,ଚାଇଲ୍ଡ ଲାଇନ ର ନିର୍ଦ୍ଦେଶକ ଶ୍ରୀ ଦେବାଶିଷ ରଥ,କଳିଙ୍ଗ ବୈଶ୍ୟ ସମାଜ ମହିଳା ମହାସଂଘ ର ସଭାପତି ଗାୟତ୍ରୀ ପାତ୍ର, ଲିଙ୍ଗରାଜ ମହାରଣା, ନିମାପଡା ଜାମା ମସଜିଦ ର ମୌଲବୀ ଅବଦୁଲ କାଦିର,ଯାଦବ ମହାସଂଘ ସଭାପତି ରମେଶ ଚନ୍ଦ୍ର ବେହେରା, ପିପିଲି ବାପଟିଷ୍ଟ ଚର୍ଚ୍ଚର ଫାଦର,ବିଭିନ୍ନ ବ୍ଲକ ର ସିଡିପିଓ, ବିଭିନ୍ନ ଜାତି ସମ୍ପ୍ରଦାୟର ନେତୃମଣ୍ଡଳୀ,ଶିଶୁ ସୁରକ୍ଷା ୟୁନିଟ ର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇ ବାଲ୍ୟବିବାହ ର କାରଣ ନିରାକରଣ ଓ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ ।ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମନୋଜ କୁମାର ତ୍ରିପାଠୀ କର୍ମଶାଳା ପରିଚାଳନା କରିଥିବା ବେଳେ ଆକ୍ସନ ଏଡର ଜିଲ୍ଲା ସଂଯୋଜକ ସୁମିତା ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।








## ଟି ଟାଇମ୍

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଉଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ସବୁଠାରୁ ବଡ଼ ଦାନ

ତୃଷିତଙ୍କୁ ପାଣିଦେବା ଓ କ୍ଷୁଧିତକୁ ଭୋଜନ ଦେବା ଦୁନିଆର ସବୁଠୁ ବଡ଼ ଦାନ ବୋଲି ଶାସ୍ତ୍ର କହିଥାଏ । ଭୋଜନ ଦେବା ପରେ ଯଦି ଭୋକ ଶାନ୍ତ ହୋଇଯାଏ ତ ସବୁ ବସ୍ତୁ ସୁନ୍ଦର ଦେଖାଯାଏ । କିନ୍ତୁ ଦୁଇ-ତିନିଦିନର ଭୋକିଲା ଲୋକକୁ ଟଙ୍କା ବିଡ଼ା ଦିଅଯାଏ ଅଥବା ସୁନା,ରୂପା ଦେଲେ ମଧ୍ୟ ସେ ନିଜର ପେଟକୁ ଖାଇବା ପାଇଁ ଅନୁରୋଧ କରିଥାଏ । ତେବେ ପେଟ ପୂରିବା ପରେ ଯାଇ ତାକୁ ଧନ ଦୌଲତ ଭଲ ଲାଗିଥାଏ। ଭୋକିଲା ଲେକଙ୍କୁ ଖାଦ୍ୟ ଦରକାର ଟଙ୍କାର ବିଡ଼ା ନୁହେଁ । ପେଟର ଭୋକ ଶାନ୍ତ ହେବାପରେ ଯାଇ ଟଙ୍କା, ସୁନା, ଘର ଦ୍ୱାରା, ସ୍ତ୍ରୀ, ପୁତ୍ର, ଭୋଗ ଜାଗ୍ରତ ହୋଇଥାଏ । ଶୋଷ ଲାଗିଲେ ସାରା ଦୁନିଆଁ ମଧ୍ୟ ନୀରସ ଦେଖାଯାଏ । ଶୋଷରେ ବ୍ୟାକୁଳ ଲୋକ ଗୋଟିଏ ମାତ୍ର ଜିନିଷ ଆବଶ୍ୟକ କରେ ତାହା ହେଉଛି ପାଣି । ପାଣି ହିଁ ଜୀବନ ଅଟେ ପାଣି ନମିଳିଲେ ଜୀବନ ମୃତ୍ୟୁସମାନ ହୋଇଯାଏ । ସେଥିପାଇଁ କୁହାଯାଇଛି ଜଳହିଁ ଜୀବନ । ତେଣୁ ଏଥିପାଇଁ କୁହାଯାଏ ଯଦି ଭୋକିଲା ଲୋକକୁ କିଛି ଖାଦ୍ୟ କିମ୍ବା ଶୋଇଲା ଲୋକଙ୍କୁ ଜଳଦାନ କରାଯାଏ ତେବେ ତାହା ସର୍ବଶେଷ୍ଠ ଦାନରେ ପରିଗଣତି ହୋଇଥାଏ, ଦାନ କରିଥିବା ବ୍ୟକ୍ତି ମୋକ୍ଷ ପ୍ରାପ୍ତି କରିଥାଏ ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ ।

# ପୁରାଣ କାହାଣୀ

## ପଣ୍ଡୁ ଓଷା



ମାର୍ଗଶିର ମାସର ପୂର୍ଣ୍ଣିମା ଦିନ ଏହି ଓଷା ପାଳନ କରାଯାଏ। ମାର୍ଗଶିର ପୂର୍ଣ୍ଣିମାକୁ ପଣ୍ଡୁ ପୂର୍ଣ୍ଣିମା ମଧ୍ୟ କୁହାଯାଏ। ଏହି ସମୟରେ ହେମନ୍ତ ଋତୁ ସରି, ଶୀତର ଆରମ୍ଭ ହେଉଥାଏ। ସକାଳୁ ସକାଳୁ କୁହୁଡ଼ି ହେତୁ ସର୍ବତ୍ର ଫିକାଧଳା ବା ପାଣ୍ଡୁରା ବର୍ଣ୍ଣ ଦିଶୁଥାଏ। ଏଣୁ ଏହି ପୂର୍ଣ୍ଣିମାର ନାଁ ପଣ୍ଡୁ ପୂର୍ଣ୍ଣିମା କୁହାଯାଏ। ବଡ ଓଷା ପରି ଏହି ବ୍ରତକୁ ଗଜ ବସାଇ ପାଳନ କରାଯାଏ। ନାରୀମାନେ ଏହି ବ୍ରତ ମାଧ୍ୟମରେ ଯମରାଜଙ୍କୁ ପୂଜା ବା ଉପାସନା କରନ୍ତି। ଏହାର ମୁଖ୍ୟ ଉଦ୍ଦେଶ୍ୟ ପୁତ୍ର ସନ୍ତାନ କାମନା। ଏହି ବ୍ରତ ପାଳନରେ କିଛି ସ୍ୱତନ୍ତ୍ର ବିଧି ରହିଛି। ଏଥି ପାଇଁ ଗୃହ ଚଟାଣକୁ ଗୋବରରେ ଚକ୍କଣ କରି ଲିପାଯାଏ। ଚିତା ଓ ମୁରୁଜ ତା' ଉପରେ ପକାଯାଏ। ଗଜକୁ ସ୍ଥାପନ କରାଯାଏ ଏବଂ ପୂଜନ ବିଶେଷକରି ପୁରୋହିତଙ୍କ ଦ୍ୱାରା ଯମରାଜଙ୍କୁ ଆବାହନ, ପୂଜନ ଏବଂ ନୈବେଦ୍ୟ ଅର୍ପଣ ପୂର୍ବକ ଭକ୍ତି ପ୍ରଣତି ବଢ଼ାଯାଏ। ଏହି ପୂଜାର ମୁଖ୍ୟ ଭୋଗ ହେଉଛି ମଣ୍ଡା ପିଠା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ନୂଆ ଗୋବର ଲିପା ଟୋକେଇ ବା ପାଛିଆରେ ପୁରୁଣା ଧାନ ଆଣି ଢ଼ିଙ୍କିରେ କୁଟି ଚାଉଳ କରାଯାଏ। ଏହି ଚାଉଳକୁ ପୁଣି ଚୂନା କରି ସେଥିରେ ନଡିଆ ଦେଇ ନଡିଆ ମଣ୍ଡା କରାଯାଏ ଓ ପୂଜାଭୋଗ କରାଯାଏ। ଏହା ସହିତ ଖଇ, କଦଳୀ, ଫଳ ଏବଂ ଛେନା ଆଦି ଭୋଗ ମଧ୍ୟ ବଢ଼ାଯାଏ। ପଣ୍ଡୁଓଷା ଏକ ନିଷ୍ଠାର ବ୍ରତ। ନାରୀଜାତି ବିଶେଷ କରି ମା'ମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଅଟେ।

## ପଠାଣି ସାମନ୍ତ



ଆଜିର ଦିନରେ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖରଙ୍କ ଜନ୍ମ ଦିନ ପାଳନ କରାଯାଉଛି । ୧୮୩୫ ମସିହା ଡିସେମ୍ବର ୧୩ ତାରିଖରେ ପୌଷ କୃଷ୍ଣ ଅଷ୍ଟମୀ ତିଥିରେ ଚନ୍ଦ୍ରଶେଖର ଖଣ୍ଡପଡାର ଏକ ରାଜବଂଶରେ ଜନ୍ମ ଗ୍ରହଣ କରିଥିଲେ। ବହୁ ସନ୍ତାନ ନଷ୍ଟ ହୋଇଯିବା ପରେ ମାତାପିତା ଚନ୍ଦ୍ରଶେଖରଙ୍କର ଦୀର୍ଘାୟୀ ଓ ମଙ୍ଗଳ କାମନା କରିଥିଲେ। ପରେ ଖଣ୍ଡପଡା ନିକଟସ୍ଥ ଖୁଣ୍ଟୁପଡା ନିକଟସ୍ଥ ଖୁଣ୍ଟୁପଡା ଗ୍ରାମସ୍ଥିତ ମହାଦେବ ଶ୍ରୀ ଶ୍ରୀ ଚନ୍ଦ୍ରଶେକରଙ୍କ ପ୍ରସାଦରୁ ଏହି ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କର ନାମ ଚନ୍ଦ୍ରଶେଖର ରଖିଥିଲେ। ଡାକ ନାମ ତାଙ୍କର ପଠାଣି ବି ଥିଲା । ପଠାଣିଙ୍କର ପୂରା ନାମ ହେଉଛି ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର। ଚନ୍ଦ୍ରଶେଖର ପିଲାବେଳୁ ଉଦାସୀନ, ମନଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ଥିଲେ। ବିଚିତ୍ରବର୍ଣ୍ଣା ବ୍ରହ୍ମାଣ୍ଡର ନାକ୍ଷତ୍ରିକ ଗତିବିଧି ପ୍ରତି ଆକୃଷ୍ଟ ହୋଇଥିଲେ ସେ। ଜ୍ୟୋତିଷବିଦ୍ୟା ଜାଣିବା ପାଇଁ ଆଗ୍ରହୀ ହୋଇ ଦଶବର୍ଷ ବୟସରେ ପଠାଣି ନିଜ ବାପାଙ୍କ ଠାରୁ କିଛିରି ଜ୍ୟୋତିର୍ବିଜ୍ଞାନ ଶିଖିଥିଲେ। ସେତେବେଳେ ତାଙ୍କ ବାପା ଜଣେ ପ୍ରଧାନ ଗାଣିତିକ ଥିଲେ। ବାପାଙ୍କ ସହିତ ଗଣିତ ଜ୍ୟୋତିଷର ଆଲୋଚନା ମାଧ୍ୟମରେ ଶିକ୍ଷା ଲାଭ କରିଥିଲେ। ସେ ପୁରାତନ ଜ୍ୟୋତିଷ ଶାସ୍ତ୍ରମାନ ପର୍ଯ୍ୟାଲୋଚନା କରି ତାରା ଜଗତର ଗତିବିଧି ଅନୁଧ୍ୟାନ କରିବା ସହ ସୂକ୍ଷ୍ମ ଯନ୍ତ୍ରମାନ ଉଦ୍ଭାବନ କରିଥିଲେ। ଦୁଇଟି ବାଉଁଶ ନଳ ସାହାଯ୍ୟରେ ଦୂର ପାହାଡକୁ ମାପି ଦୂରବୀକ୍ଷଣ ଯନ୍ତ୍ର ନିର୍ମାଣ କରିଥିଲେ। ପଠାଣୀ ସାମାନ୍ତ ୧୮୬୯ ରେ 'ସିଦ୍ଧାନ୍ତ ଦର୍ପଣ' ଲେଖିବା ଆରମ୍ଭ କରିଥିଲେ। ୧୮୯୨ ରେ ଏହି ଗ୍ରନ୍ଥ ରଚନା ଲେଖା ଶେଷ ହୋଇଥିଲା। ସିଦ୍ଧାନ୍ତ ଦର୍ପଣ ମୂଳତଃ ସଂସ୍କୃତ ଭାଷାରେ ଶ୍ଳୋକ ମାନଙ୍କରେ ରଚିତ, ଗ୍ରନ୍ଥଟିରେ ରହିଛି ଚବିଶଟି ପ୍ରକାଶ (ସର୍ଗ)। ଏହି ଗ୍ରନ୍ଥର ମୋଓଟ ଶ୍ଳୋକ ସଂଖ୍ୟା ୨୫୦୦। ଏଥିରେ ପାଟି ଗଣିତ, ବୀଜଗଣିତ, ସ୍ଥୁଳ ଓ ସୂକ୍ଷ୍ମଗ୍ରହ ଗଣନା, ପଜୟାଦିର ବାଖ୍ୟା, ନଦୀ ଓ ପାହାଡମାନଙ୍କର ଭୌଗଳିକ ମାସ ଓ ସ୍ଥିତି ଆଦି ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ଭିକ୍ଷା କରାଯାଇଛି । ନିରବଚ୍ଛିନ୍ନ ଅଧ୍ୟବସାୟ, ଇଚ୍ଛାଶକ୍ତି ଓ ଅବିଶ୍ରାନ୍ତ ଗବେଷଣା ଫଳରେ ଦୂରଦୂରାନ୍ତର ଜ୍ୟୋତିଷ ମଣ୍ଡଳର ଗ୍ରହ ନକ୍ଷତ୍ରର ସ୍ଥିତି ଓ ଚଳନ ନିର୍ଭୁଲ ଭାବେ ଗଣନା କରିପାରୁଥିଲେ ପଠାଣି ସାମନ୍ତ।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପନ୍ତୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ସୁସ୍ଥ ପରିବେଶ ପାଇଁ ଅଶ୍ୱଥଙ୍କ ଉଦ୍ୟମ

ପରିବେଶକୁ ସୁହାଇବା ଭଳି ପଦକ୍ଷେପ ନେବାର ଆଇନକାନୁନ୍ ବନିଯାଉଛି। କାଗଜରେ ନିର୍ଦ୍ଦେଶ ବି ଆସୁଛି। ହେଲେ ତୃଣମୂଳ ସ୍ତରରେ ପରିବର୍ତ୍ତନର ଧାରା ଆଦୌ ଆରମ୍ଭ ହେଉନାହିଁ। ତା'ର କାରଣ ହେଲା, ସେହି ଜିନିଷ ବଦଳରେ ପରିବେଶ ଉପଯୋଗୀ ଜିନିଷର ଚଳନ କରୁନାହାନ୍ତି କେହି। ଏ ଅଭାବକୁ ବୁଝି ଜଣେ ଯୁବକ ନିଜ ବ୍ୟକ୍ତିଗତ ପ୍ରୟାସରେ ପଲିଥିନ୍ ବ୍ୟାଗ୍ ବଦଳରେ ପରିବେଶ ଉପଯୋଗୀ ବ୍ୟାଗ୍ ତିଆରି କରି ନିଜ ସହରର କଲ୍ୟାଣ ଦିଗରେ ଦେଉଛନ୍ତି ବଡ଼ ଯୋଗଦାନ।...ବାଙ୍ଗାଲୋର ନଗରନିଗମ ପକ୍ଷରୁ ୨୦୧୨ରେ ସ୍ୱାସ୍ଥ୍ୟ ତଥା ପରିବେଶ ପାଇଁ ହାନିକାରକ ହେତୁ ପଲିଥିନର ବ୍ୟବହାର ବନ୍ଦ କରାଯାଇଥିଲା। କିନ୍ତୁ ଲୋକମାନଙ୍କ ପାଇଁ କୌଣସି ବିକଳ୍ପର ସୁବିଧା କରାଯାଇନଥିଲା। ଯାହାକି ସାଧାରଣ ଲୋକମାନଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଥିଲା। ଆଉ ନିଜ ସହରବାସୀଙ୍କ ଏହି ସମସ୍ୟା ଅଶ୍ୱଥଙ୍କ ଚିନ୍ତାର କାରଣ ପାଲଟିଥିଲା। ସେ ଏହାକୁ ଦୂର କରିବା ଯୋଜନାର ଅନୁସନ୍ଧାନରେ ଲାଗିଯାଇଥିଲେ। ପ୍ରାୟ ଚାରିବର୍ଷର ପ୍ରସ୍ତୁତି ଓ ପ୍ରୟାସ ପରେ ଅଶ୍ୱଥ ପ୍ରତିଷ୍ଠା କଲେ 'ଏନଭିଗ୍ରୀନ' ନାମରେ ଏକ କମ୍ପାନୀ। ଏହି କମ୍ପାନୀ ଲୋକମାନଙ୍କୁ ଯୋଗାଇଦେଉଛି ପରିବେଶ ଅନୁକୂଳ ବିଭିନ୍ନ ବ୍ୟାଗ। ପ୍ଲାଷ୍ଟିକ ବ୍ୟାଗ ପରି ଦେଖାଯାଉଥିବା ଏହି ବ୍ୟାଗ ଗୁଡିକର ପ୍ରସ୍ତୁତ ପ୍ରଣାଳୀ ସମ୍ପୂର୍ଣ୍ଣ ଭିନ୍ନ ହୋଇଥାଏ। ବିନା କୌଣସି ରସାୟନିକ ସାମଗ୍ରୀର ବ୍ୟବହାରରେ କେବଳ ଆଳୁ, ପାଳୁଅ, କଦଳୀ, ତେଲ ଇତ୍ୟାଦି ୧୨ଟି ସାମଗ୍ରୀର ବ୍ୟବହାର କରାଯାଇ ପ୍ରସ୍ତୁତ କରାଯାଉଛି ବ୍ୟାଗ। ପ୍ରଥମେ ଏହି କଞ୍ଚାମାଲ ଗୁଡିକୁ ଏକ ତରଳ ପଦାର୍ଥରେ ପରିଣତ କରାଯାଇ ପରକୁ ପର ୬ଟି ଧାରାରେ ଗତି କରାଯାଇ ଏହା ପ୍ରସ୍ତୁତ କରାଯାଏ। ଏହି ବ୍ୟାଗ ଗୁଡିକୁ ଗୋଟିଏ ଗ୍ଲାସ ଥଣ୍ଡା ପାଣିରେ ବୁଡାଇ ରଖିଲେ ଗୋଟିଏ ଦିନରେ ଏହା ମିଳାଇଯିବ ଏବଂ ଯଦି ଗରମ ପାଣିରେ ଏହାକୁ ରଖାଯାଏ ତେବେ ମାତ୍ର ୧୫ ସେକେଣ୍ଡରେ ଏହା ମିଳାଇଯିବ। ବ୍ୟବହାର ଅନୁପୋଯୋଗୀ ହେବା ପରେ ଏହାକୁ ଫୋଫାଡି ଦେବା ପରେ ଖୁବ୍ କମ୍ ଦିନ ମଧ୍ୟରେ ଏହା ମାଟିରେ ମିଳାଇଯିବ। ସମ୍ପୂର୍ଣ୍ଣ ଭାବେ ଖାଦ୍ୟପଦାର୍ଥରେ ପ୍ରସ୍ତୁତ ହୋଇଥିବାରୁ କୌଣସି ପଶୁ ଖାଇଲେ ମଧ୍ୟ ତାଙ୍କ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ ହେବ ନାହିଁ। କର୍ଣ୍ଣାଟକ ରାଜ୍ୟ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ ପକ୍ଷରୁ ମଧ୍ୟ ଏହି ବ୍ୟାଗକୁ ନେଇ ଅନେକ ପରୀକ୍ଷଣ କରାଯାଇଛି। ଏହି ବ୍ୟାଗ ଗୁଡିକୁ ଜଳାଇବା ଦ୍ୱାରା ନା ଏହା ତରଳୁଛି, ନାହିଁ ଏଥିରୁ କୌଣସି ରାସାୟନିକ ପଦାର୍ଥ କ୍ଷରଣ ହେଉଛି। ସେଣ୍ଟ୍ରାଲ ଇନଷ୍ଟିଚ୍ୟୁଟ ଅଫ୍ ପ୍ଲାଷ୍ଟିକ ଇଞ୍ଜିନିୟରିଂ ଏବଂ ଶ୍ରୀରାମ ଇନଷ୍ଟିଚ୍ୟୁଟ ଫର୍ ଇଣ୍ଡଷ୍ଟ୍ରୀଆଲ୍ ରିସର୍ଚ୍ଚ ପକ୍ଷରୁ ମଧ୍ୟ ଏହାର ପରୀକ୍ଷଣ କରାଯାଇ ବ୍ୟବହାର ନିମନ୍ତେ ଅନୁମତି ଦିଆଯାଇଛି। ସମସ୍ତ କ୍ଷେତ୍ରରୁ ଅନୁମତି ପାଇବା ପରେ ଅଶ୍ୱଥ ନିଜ ଟିମ୍ ର ୬୦ଜଣ ସଦସ୍ୟଙ୍କ ସହ ମିଶି ବାଙ୍ଗାଲୋରଠାରେ ଏକ କାରଖାନା ପ୍ରତିଷ୍ଠା କରିଛନ୍ତି। ଏହି କାରଖାନାରୁ ପ୍ରତି ମାସରେ ପ୍ରାୟ ୧ହଜାର ମେଟ୍ରିକ ଟନ୍ ବ୍ୟାଗ୍ ପ୍ରସ୍ତୁତ କରାଯାଉଛି। ତାଙ୍କର ଏହି ପ୍ରୟାସ ଦ୍ୱାରା କର୍ଣ୍ଣାଟକ ଗ୍ରାମାଞ୍ଚଳର କୃଷକ ମାନେ ମଧ୍ୟ ଲାଭବାନ ହୋଇପାରୁଛନ୍ତି। କମ୍ପାନୀ ସେମାନଙ୍କ ଠାରୁ କଞ୍ଚାମାଲ କିଣିବା ସହ ସେମାନଙ୍କୁ କଞ୍ଚାମାଲ ଉତ୍ପାଦନ ପାଇଁ ବିହନ ଯୋଗାଇ ଦେଉଛି। ଭାରତର ସବୁ ସ୍ଥାନରେ ଏହି ବ୍ୟାଗ ଗୁଡିକ ବର୍ତ୍ତମାନ ପର୍ଯ୍ୟନ୍ତ ମିଳିପାରିନାହିଁ କିନ୍ତୁ ଅଶ୍ୱଥଙ୍କ କାର୍ଯ୍ୟସ୍ଥଳ କତରରେ ଏହା ଉପଲବ୍ଧ ହୋଇପାରୁଛି। ଅଶ୍ୱଥଙ୍କ କହିବାନୁଯାୟୀ, କେବଳ ବାଙ୍ଗାଲୋର ପରି ସହରରେ ପ୍ରତି ମାସରେ ପ୍ରାୟ ୩୦ହଜାର ମେଟ୍ରିକ ଟନ୍ ବ୍ୟାଗର ଆବଶ୍ୟକ ହୋଇଥାଏ। ତେଣୁ ସମସ୍ତ ସହରରେ ଏହାର ବ୍ୟବହାର ପାଇଁ ଅଧିକ କାରଖାନା ପ୍ରତିଷ୍ଠା କରିବାର ଲକ୍ଷ୍ୟ ରଖିଛୁ। ବର୍ତ୍ତମାନ ପର୍ଯ୍ୟନ୍ତ ରିଲାଏନ୍ସ ପରି କମ୍ପାନୀ ମାନଙ୍କୁ ବ୍ୟାଗ ଯୋଗାଇ ଦିଆଯାଇଛି। ଚଳିତ ଡିସେମ୍ବରଠାରୁ ସେମାନେ ଏହାର ବ୍ୟବହାର ଆରମ୍ଭ କରିଦେଇଛନ୍ତି। ପରିବେଶ ସୁରକ୍ଷା ଦିଗରେ ଅଶ୍ୱଥଙ୍କ ଏହି ପ୍ରୟାସକୁ ଅନେକ ପରିବେଶବିତ୍ ପ୍ରଶଂସା କରିଛନ୍ତି।






# ଲକ୍ଷେ ଦୀପଶିଖାରେ ଝଲସିବ ପୁରୀ ବଡ଼ଦାଣ୍ଡ



ଭୁବନେଶ୍ୱର (ପିଏନ୍): ଗତବର୍ଷ ମହାମାରୀର ମହା ଆତଙ୍କକୁ ପ୍ରତିହତ କରିବା ପାଇଁ ସିଂହଦ୍ୱାରଠାରୁ ଶରଧାବାଲି ଯାଏଁ ମହାମାରୀର ମହାଦେବତା ନୃସିଂହ ମନ୍ଦିରଠାରୁ ଶ୍ରୀଜଗନ୍ନାଥ ମନ୍ଦିର ବଡ଼ଦାଣ୍ଡରେ ସମଗ୍ର ବିଶ୍ୱବାସୀଙ୍କ ମଙ୍ଗଳକାମନା ପାଇଁ ଏକଲକ୍ଷ ଦୀପାଳୀ ଜଳିଉଠିଥିଲା, ଯାହା ରାଜ୍ୟ / ଜାତୀୟ ତଥା ଆନ୍ତର୍ଜାତୀୟ ସମ୍ବାଦର ପ୍ରମୁଖ ପୃଷ୍ଠା ମଣ୍ଡନ କରିବା ସହିତ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇଥିଲା । ଚଳିତ ବର୍ଷ ମହାମାରୀ ମୁକ୍ତ ବିଶ୍ୱ ପାଇଁ ଏବଂ ଜଗତ୍‌କଲ୍ୟାଣ ପାଇଁ ବଡ଼ଦାଣ୍ଡରେ ଦେବ ଦୀପାବଳୀ ପବିତ୍ର ସନ୍ଧ୍ୟାରେ ପୁନର୍ବାର ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନ୍ତର୍ଗତ ଆସନ୍ତା ନଭେମ୍ବର ୨୩ ତାରିଖ ବୁଧବାର ଦିନ ସନ୍ଧ୍ୟା ୫ ଘଟିକାରୁ ୭ ଘଟିକା ମଧ୍ୟରେ ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀପ ଲଗାଯିବ । ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସ୍କେୟର, ଭୁବନେଶ୍ୱର, ଛତିଶାନିଯୋଗ ଓ ପୁରୀର ସ୍ୱେଚ୍ଛାସେବୀ ସଂଗଠନ ସମୂହ ତଥା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ମିଳିତ ଭାବରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସ୍କେୟର ପକ୍ଷରୁ ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦୀପଦାନ କାର୍ଯ୍ୟକ୍ରମର ଅଧ୍ୟକ୍ଷ ଓଡ଼ିଶାର ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ତଥା ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଉପକୁଳପତି ଡକ୍ଟର (ପ୍ରଫେସର) ଅଶୋକ କୁମାର ମହାପାତ୍ର, ଉପାଧ୍ୟକ୍ଷ ତଥା ବିଶିଷ୍ଟ କବି ଓ ସମାଜସେବୀ ଶ୍ରୀଯୁକ୍ତ ଶଙ୍କର ପରିଡ଼ା ଏବଂ ଦୀପଦାନ କମିଟିର ବରିଷ୍ଠ ଉପଦେଷ୍ଟା ତଥା ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ଶ୍ରୀଯୁକ୍ତ ବିଭୂତି ଭୂଷଣ କର ଏହି ସୂଚନା ଦେଇଛନ୍ତି । ଛତିଶା ନିଯୋଗର ସେବାୟତମାନଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିର ଭିତରୁ ଦୀପ ଆସି ବଡ଼ଦାଣ୍ଡରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଦୀପଦାନ କାର୍ଯ୍ୟକ୍ରମ ପାଇଁ ୫୦ଟିଣ ଘିଅ ଓ ୧୦୦ ଟିଣ ତେଲ ବ୍ୟବହାର କରାଯିବ । ବିଭିନ୍ନ ମହାମାରୀରୁ ମାନବ ଜାତିକୁ ରକ୍ଷା କରିବା ପାଇଁ ନଭେମ୍ବର ୨୩ ତାରିଖ ଦିନ ପୂର୍ବାହ୍ଣ ୧୦ଘଟିକା ସମୟରେ ପୁରୀ ବଡ଼ଦାଣ୍ଡସ୍ଥିତ ଗୁଣ୍ଡିଚା ମନ୍ଦିର ନିକଟ ରାଣୀସତୀ ମଣ୍ଡପଠାରେ ଶ୍ରୀ ଅଚ୍ୟୁତାୟ ନମଃ ଶ୍ରୀ ଅନନ୍ତାୟ ନମଃ ଏବଂ ଶ୍ରୀ ଗୋବିନ୍ଦାୟ ନମଃ ମନ୍ତ୍ର ୧୦୮ଥର ଜପ କରିବା ସହିତ ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ । ଉକ୍ତ ଦିନ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରରେ ଦୀପଦାନ କରିବାକୁ କାର୍ଯ୍ୟକ୍ରମର ସଭାପତି ଶ୍ରୀଯୁକ୍ତ ରମେଶ କୁମାର କେଜିରୱାଲ୍ ଅନ୍ୟତମ ବରିଷ୍ଠ ଉପଦେଷ୍ଟା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ସାହୁ, ସାମ୍ବାଦିକ ସମ୍ମିଳନୀରେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି । ଓଡ଼ିଶାର ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ତଥା ଭାଷ୍ୟକାର ଶ୍ରୀଯୁକ୍ତ ହରିହର କାନୁନ୍‌ଗୋ ଏବଂ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ସୁଦର୍ଶନ ପ୍ରଧାନ ସାମ୍ବାଦିକ ସମ୍ମିଳନୀରେ ଯୋଗଦାନ କରି ଦେବ ଦୀପାବଳୀ ଉତ୍ସବର ମହତ୍ତ୍ୱ ଏବଂ ତତ୍ ସହିତ ଦୀପଦାନ ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସ୍କେୟରର ପରିଚାଳନା ଟ୍ରଷ୍ଟି ତଥା ଦୀପଦାନ କମିଟିର ଆବାହକ ଶ୍ରୀଯୁକ୍ତ ଭାବଗ୍ରାହୀ ଶାନ୍ତି ଏବଂ ସଭାପତି ଶ୍ରୀଯୁକ୍ତ ରତିକାନ୍ତ ପାଢ଼ୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶାର ସମସ୍ତ ଜଗନ୍ନାଥ ପ୍ରେମୀ ଜନସାଧାରଣଙ୍କର ଆନ୍ତରିକ ସହଯୋଗ କାମନା କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ପୁରୀ ସିଂହଦ୍ୱାରଠାରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ପାଇଁ ବିଶେଷ ଭାବରେ ନିର୍ମିତ ମାଟି ଦୀପର ଉନ୍ମୋଚନ ଅନୁଷ୍ଠାନର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶୋକ ମହାପାତ୍ର ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ହୋଇଯାଇଛି । ଏହି ଦୀପ ବିଶିଷ୍ଟ ତୈଳଚିତ୍ର ଶିଳ୍ପୀ ତଥା ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଅଧ୍ୟାପକ ଶ୍ରୀଯୁକ୍ତ ସୁନାରାମ ସିଂହଙ୍କ ଦ୍ୱାରା ଡିଜାଇନ୍ କରାଯାଇଅଛି । ଏହି ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସ୍କେୟରର କର୍ମକର୍ତ୍ତା ତଥା ଟ୍ରଷ୍ଟୀ ଶ୍ରୀ ଚନ୍ଦ୍ରଶେଖର ସିଙ୍ଗୋଟି, କୁମୁଦିନୀ ପଣ୍ଡା ଏବଂ ପ୍ରମୁଖ କର୍ମକର୍ତ୍ତା ଶ୍ରୀମତୀ ଇନ୍ଦିରା ମିଶ୍ର, ସତ୍ୟସୁନ୍ଦର ପଣ୍ଡା, କିଶୋର କୁମାର ପ୍ରଧାନ, ଅକ୍ଷୟ କୁମାର ସାହୁ, ରମାକାନ୍ତ ମହାନ୍ତି, ଉମାଶଙ୍କର ପଟ୍ଟନାୟକ, ସୁମନ ଦାଶ, ସୁମିତ୍ରା ଦାଶ, ପ୍ରମୋଦ କୁମାର ବିଶ୍ୱାଳ, ଗୋପାଳ ମହାନ୍ତି, ଗଦାଧର ବରାଳ, ପ୍ରଶାନ୍ତ ବିଦ୍ୟାଧର, ସୂର୍ଯ୍ୟପ୍ରସାଦ ନାୟକ, ବାସନ୍ତୀ ତ୍ରିପାଠୀ, ବିଷ୍ଣୁମୋହନ ନାଥ, ଅଜୟ ସାମନ୍ତରାୟ, ପ୍ରଭାତ ନାୟକ, ସୁଜାତା ମିଶ୍ର, ଗୀତାଞ୍ଜଳୀ ରଥ, ଶ୍ରୀଯକ୍ତ ଧନେଶ୍ୱର ସାହୁ, ପ୍ରତାପ ଚନ୍ଦ୍ର ମିଶ୍ର, ବୁଟୁ ବକ୍ସି, ଦୀନବନ୍ଧୁ ନାୟକ, କ୍ଷୀରୋଦ ଛାଟୋଇ, ବନଜୋତ୍ସ୍ନା ପାଢ଼ୀ, ନିର୍ଲିପ୍ତା ରାଉତ ତଥା ଅନ୍ୟ ସମସ୍ତ କର୍ମକର୍ତ୍ତା ଏହି ସାମ୍ବାଦିକ ସମ୍ମିଳନୀ ଉପସ୍ଥିତ ଥିଲେ । ସାମ୍ବାଦିକ ସମ୍ମିଳନୀ ଶେଷରେ ବିଶିଷ୍ଟ ସମାଜସେବୀ ତଥା ଓଡ଼ିଶା ଇଣ୍ଟରନ୍ୟାସ୍‌ନାଲ୍ ସ୍କେୟରର ବରିଷ୍ଠ କାର୍ଯ୍ୟକର୍ତ୍ତା ଶ୍ରୀଯୁକ୍ତ ଧନେଶ୍ୱର ସାହୁ ଉପସ୍ଥିତ ସମସ୍ତ ଅତିଥି ତଥା ଛାପା ଗଣମାଧ୍ୟମ ଏବଂ ବୈଦ୍ୟୁତିକ ଗଣମାଧ୍ୟମର ସମସ୍ତ ପ୍ରତିନିଧିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# 'ଉଡ୍ର'ର ନିଆରା କାର୍ଯ୍ୟକ୍ରମ "ତାରେ ଜମିନ୍ ପର୍"



ଭୁବନେଶ୍ୱର (ପିଏନ୍): 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ "ତାରେ ଜମିନ୍ ପର୍" ଏକ ନିଆରା କାର୍ଯ୍ୟକ୍ରମ ଝାରପଡା ସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ର ଗେମ୍ ଜୋନ୍‌ଠାରେ ଆୟୋଜନ କରାଯାଇଥିଲା । 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟର ସଭ୍ୟ/ସଭ୍ୟାମାନେ ମଧୁରମୟୀ ଆଶ୍ରମର ପିଲାମାନଙ୍କୁ ଏକ ବସ୍ ଯୋଗେ ନେଇ ଉତ୍କଳ କନିକା ଗ୍ୟାଲେରିଆ ମଲ୍‌ରେ ଦିନସାରା ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ । ସେଠାରେ ଥିବା ଗେମ୍ ଜୋନ୍‌ରେ ପିଲାମାନେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଖେଳ ସାମଗ୍ରୀର ଭରପୁର ମଜା ନେବା ସହିତ ଖୁସି ମନାଇଥିଲେ । ସେଠାରେ ଥିବା ପିଜ୍ଜା ହଟ୍ ଓ ଡୋମିନେଟ୍‌ରେ ପିଲାମାନେ ନିଜ ମନପସନ୍ଦର ଖାଦ୍ୟ ଖାଇଥିଲେ । ଏହି ଅବସରରେ 'ଉଡ୍ର' ଚାରିଟେବୁଲ ଟ୍ରଷ୍ଟର ପରାମର୍ଶଦାତା ଆକାଶ ଦାସନାୟକ କହିଥିଲେ "ଖୁସି ବାଂଟିଲେ ଖୁସି ବଢେ" । 'ଉଡ୍ର' ଚାରିଟେବୁଲ୍ ଟ୍ରଷ୍ଟ ଅନେକ ସମୟରେ ଏହିପରି ସମାଜର ମୁଖ୍ୟସ୍ରୋତରେ ଯେଉଁମାନେ ନାହାଁନ୍ତି, ସମାଜରେ ଅବହେଳିତ ହୋଇ ରହିଥିବା ପିଲାମାନଙ୍କ ମୁହଁରେ ଟିକେ ହସ ଫୁଟାଇବା ପାଇଁ ଅନେକ ଭିନ୍ନ ଧରଣର କାର୍ଯ୍ୟକ୍ରମ ଆୟୋଜନ କରିଥାଏ । ଆଶ୍ରମର ପିଲାମାନେ ଏହି କାର୍ଯ୍ୟକ୍ରମର ଭରପୁର ମଜା ନେବା ସହିତ ଖୁସି ମନାଇଥିଲେ । ପିଲାମାନେ 'ଉଡ୍ର' ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବା ସହିତ 'ଉଡ୍ର' ଅନୁଷ୍ଠାନର ଶୁଭ ମନାସିଥିଲେ । ଶେଷରେ ପିଲାମାନଙ୍କୁ ସେହି ବସ୍ ଯୋଗେ ସେମାନଙ୍କ ଆଶ୍ରମରେ ଛଡା ଯାଇଥିଲା । ଏହି କାର୍ଯ୍ୟକ୍ରମରେ 'ଉଡ୍ର' ଚାରିଟେବୁଲ ଟ୍ରଷ୍ଟର ପରାମର୍ଶଦାତା, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସନାୟକ, ଆଇ.ପି.ଏସ୍. ସୌମେନ୍ଦ୍ର ପ୍ରିୟଦର୍ଶୀ, ଉତ୍କଳ ଗ୍ୟାଲେରିଆର ଡାଇରେକ୍ଟର ପୂର୍ଣ୍ଣିମା ବୈଦ୍ୟ, ମଧୁରମୟୀ ଆଶ୍ରମର ସୁପରିଂଟେଣ୍ଡେଂଟ୍ ନିରୋଜା ଲକ୍ଷ୍ମୀ ମହାପାତ୍ର, ସିନେ ଅଭିନେତ୍ରୀ ପୁନମ ମିଶ୍ର, 'ଉଡ୍ର' ଚାରିଟେବୁଲ ଟ୍ରଷ୍ଟର ସଂପାଦିକା ଶୁଭ୍ରାଜ୍ୟୋତି ଦାସନାୟକ, ଉପସଭାପତି ଡଃ. ସୂର୍ଯ୍ୟ ପ୍ରକାଶ ଏସ୍. ଚୌଧୁରୀ, ଆଦିତ୍ୟ ଚୌଧୁରୀ, ବୈଷ୍ଣବ ଭୋଳ, ପଥ୍ନ ପାତ୍ରୋ, କିଶୋର ଦାସ, ଭାଗ୍ୟଧର ସାମଲ, ସତ୍ୟ ସୁମନ, ଅମୂଲ୍ୟ ସ୍ୱାଇଁ, ସି.ଏ. ସମିର ପରିଜା ଏବଂ 'ଉଡ୍ର' ଚାରିଟେବୁଲ ଟ୍ରଷ୍ଟର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# 'ଗୀତାଞ୍ଜଳି'ର ୧୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଭୁବନେଶ୍ୱର (ପିଏନ୍): ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ପନ୍ଦରତମ ସାଂସ୍କୃତିକ ବାର୍ଷିକ ଉତ୍ସବ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନାଲକୋ ମହିଳା ସମିତିର ସଭାପତି ସସ୍ମିତା ପାତ୍ର, ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଳିତ, ସଭାପତି ଡ. ସୁଭାଷ ଚନ୍ଦ୍ର ମୁଖାର୍ଜୀ, ସାଧାରଣ ସମ୍ପାଦକ ତପନ କୁମାର ରାହା ପ୍ରମୁଖ ଯୋଗଦେବା ସହିତ ସାମାଜିକ ଅନୁଷ୍ଠାନ 'ଗୀତାଞ୍ଜଳି'ର ବିଭିନ୍ନ କାର୍ଯ୍ୟକ୍ରମ ସଫଳତାର ସହିତ କରିଆସିଥିବା ସହିତ ରବୀନ୍ଦ୍ରନାଥ ଠାକୁରଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିରବଚ୍ଛିନ୍ନ ଭାବେ ବିଭିନ୍ନ କାର୍ଯ୍ୟ କରିଆସିଛି । ଏହାସହିତ 'ଗୀତାଞ୍ଜଳି' ପକ୍ଷରୁ ସାଂସ୍କୃତିକ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହିତ ସମାଜକୁ ଭାଇଚାରାର ଏକ ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଅବସରରେ ଗୀତାଞ୍ଜଳି ସାଂସ୍କୃତିକ ସମ୍ମାନ-୨୦୨୨ ଡ. ସଜଲେନ୍ଦୁ ମାଲକାର ଓ ଗୀତାଞ୍ଜଳି ପକ୍ଷରୁ ଶ୍ରୀମତୀ ସସ୍ମିତା ପାତ୍ରଙ୍କୁ ପ୍ରଦାନ କରାଯାଇଥିଲା । ଏହି ବେଙ୍ଗଲୀ ସଙ୍ଗୀତ ସନ୍ଧ୍ୟାରେ ବହୁ ଉଚ୍ଚକୋଟିର କଳାକାର ଯୋଗଦେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

# ତମାଣ୍ଡୋ ହାଇସ୍କୁଲ୍‌ରେ ବିଜ୍ଞାନ ମେଳା ଓ ମୀନାବଜାର



ତମାଣ୍ଡୋ (ପିଏନ୍): ଭ୍ରମରବର ସରକାରୀ ଉଚ୍ଚ ବିଦ୍ୟାଳୟ, ତମାଣ୍ଡୋରେ କ୍ଲଷ୍ଟର ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ-୨୦୨୨ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ ୪୨୦ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ସେମାନଙ୍କ ମଧ୍ୟରୁ ପ୍ରାୟ ୫୦ଜଣ କୃତି ଛାତ୍ରଛାତ୍ରୀ ବିଭିନ୍ନ ବିଜ୍ଞାନ ଓ ପରିବେଶ ସମ୍ବନ୍ଧୀୟ ପ୍ରକଳ୍ପମାନ ପ୍ରଦର୍ଶିତ କରିଥିଲେ । କୁନି କୁନି ବୈଜ୍ଞାନିକମାନେ ସେମାନଙ୍କର ବୌଦ୍ଧିକ ଜ୍ଞାନ କୌଶଳର ବିକଶିତ ପ୍ରତିଭାକୁ ଉଜ୍ଜୀବିତ କରି ପ୍ରଶଂସିତ ହୋଇଥିଲେ । ନିକଟ ଗ୍ରାମମାନଙ୍କର ପ୍ରାୟ ୫୦୦ ଛାତ୍ରଛାତ୍ରୀ ଏହି ମେଳାକୁ ଉପଭୋଗ କରିବା ସହ ଛାତ୍ରଛାତ୍ରୀମାନେ କରିଥିବା ମୀନାବଜାରକୁ ସମସ୍ତେ ଉପଭୋଗ କରିଥିଲେ । ଭଳିକି ଭଳି ଖାଦ୍ୟ ପସରାର ସମ୍ଭାର ଦେଖିବାକୁ ମିଳିଥିଲା । ସଂଗୀତର ତାଳେ ତାଳେ ମୀନାବଜାରର ମନୋରମ ଆକର୍ଷଣ ସମସ୍ତଙ୍କୁ ଖୁସି ଦେଇଥିଲା । ଆନୁଷ୍ଠାନିକ ଭାବେ ଏହାକୁ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଗୋଲାପ ମଣ୍ଡଳ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ପରିଡ଼ା ଓ ଶିକ୍ଷକ ପ୍ରମୋଦ କୁମାର ଭଞ୍ଜ ଏହାକୁ ପରିଚାଳନା କରିଥିଲେ । ବିଦ୍ୟାଳୟ ତରଫରୁ ବିଜ୍ଞାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ବାରିକ, ନିରୂପମା ନାୟକ, ନିଳିମା ମହାପାତ୍ର, ମଧୁଛନ୍ଦା ଦାଶ ପ୍ରକଳ୍ପ କାର୍ଯ୍ୟର ବିବରଣୀ ସଂଗ୍ରହ କରିଥିଲେ ଓ ଛାତ୍ରଛାତ୍ରୀଙ୍କର କୃତିତ୍ୱର ମୂଲ୍ୟାୟନ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ରମାମଣି ସ୍ୱାଇଁ, ମିତାଲି ଦାଶ, ପୂର୍ଣ୍ଣିମା ଦାସ, ଉର୍ମିଳା ବେହେରା, କଳା ଶିକ୍ଷୟିତ୍ରୀ ନିଳିମା ବେହେରା, କ୍ରୀଡା ଶିକ୍ଷୟିତ୍ରୀ ପ୍ରଣତି ସାମନ୍ତରା ଓ ସାଗରିକା ପାଇକରାୟ, ସାନ୍ତାନି ଭୂୟାଁ, ତନୁଶ୍ରୀ ଦଣ୍ଡପାଟ, ନିବେଦିତା ମହାନ୍ତି, ସ୍ମୃତିରେଖା ଦାଶ, ପ୍ରାଚୁର୍ଯ୍ୟା ପଟ୍ଟନାୟକ, ଦେବେନ୍ଦ୍ର ନାୟକ, ଦେବବ୍ରତ ଓଝା, ସତ୍ୟଜିତ୍ ଜୟସିଂହ ଓ ନିରଞ୍ଜନ ବିଶ୍ୱାଳ ପ୍ରମୁଖ ସହଯୋଗ କରି ଏହି ପ୍ରଦର୍ଶନୀ ମେଳାକୁ ସରସ ସୁନ୍ଦର କରିଥିଲେ । ଶେଷରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଶିକ୍ଷକ ପ୍ରମୋଦ କୁମାର ଭଞ୍ଜ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ ।

# ଆବଶ୍ୟକୀୟ ବିକାଶରୁ ବଞ୍ଚିତ ସ୍ମାର୍ଟସିଟିର ମୁଣ୍ଡାବସ୍ତି



ରାଉରକେଲା (ପିଏନ୍): ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୩ ନମ୍ବର ୱାର୍ଡର ମୁଣ୍ଡା ବସ୍ତି ଓ ଡେଡାଙ୍ଗବାସା ବସ୍ତିରେ ଅଦ୍ୟାବଧି ଆବଶ୍ୟକୀୟ ବିକାଶ ସମ୍ଭବ ହୋଇପାରିନାହିଁ । ମୌଳିକ ସେବା ସୁବିଧାରୁ ବଞ୍ଚିତ ଏହି ବସ୍ତିର ବାସିନ୍ଦାମାନଙ୍କ ସ୍ୱର ମହାନଗର ନିଗମ କର୍ତ୍ତୃପକ୍ଷଙ୍କୁ ଶୁଭୁନାହିଁ ବୋଲି ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ତଥା ପିସିସି ସଭ୍ୟ ବିରେନ ସେନାପତି କହିଛନ୍ତି । ଶ୍ରୀ ସେନାପତି ୱାର୍ଡ ପରିକ୍ରମା କାର୍ଯ୍ୟକ୍ରମରେ ମୁଣ୍ଡା ବସ୍ତି ଓ ଡେଡାଙ୍ଗବାସା ବସ୍ତି ବୁଲି ବିଭିନ୍ନ ସମସ୍ୟାର ଅନୁଧ୍ୟାନ କରିବା ସହିତ ବାସିନ୍ଦାମାନଙ୍କ ସହିତ ଆଲୋଚନା କରିଥିଲେ । ମୁଣ୍ଡା ବସ୍ତିରେ ଗତ ୨୦୧୫-୧୬ରେ ପ୍ରାୟ ୭ ଲକ୍ଷ ଟଙ୍କା ବ୍ୟୟରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲେହେଁ ସେଥିରେ ଏବେ ତାଲା ଝୁଲୁଛି । ଗତ କିଛିଦିନ ତଳେ ଏହି ଶୌଚାଳୟର ନବୀକରଣ ପାଇଁ ପଦକ୍ଷେପ ନିଆଯାଇ କାମକୁ ଅଧାର ବନ୍ଦ କରିଦିଆଯାଇଛି । ଅପରପକ୍ଷରେ ଗରିବ ଆଦିବାସୀ ଶ୍ରେଣୀର ଲୋକମାନେ ବସବାସ କରୁଥିବା ଏହି ବସ୍ତିରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ବ୍ୟକ୍ତିଗତ ପାଇଖାନା ମଧ୍ୟ ଯୋଗାଇ ଦିଆଯାଇ ନାହିଁ । ରାଉରକେଲା ମହାନଗର ନିଗମ କର୍ତ୍ତୃପକ୍ଷ ସହରକୁ ବାହ୍ୟ ମଳମୁକ୍ତ ସହର ଘୋଷଣା କରିଥିବା ବେଳେ ଉକ୍ତ ବସ୍ତିର ବାସିନ୍ଦାମାନେ ଖୋଲା ପଡିଆରେ ଶୌଚ ହେବାକୁ ବାଧ ହେଉଛନ୍ତି । ସେହିପରି ଉକ୍ତ ବସ୍ତିରେ ପୂର୍ବରୁ ନିର୍ମିତ ଅଙ୍ଗନବାଡି କେନ୍ଦ୍ରର ଗତ କିଛିଦିନ ତଳେ ଟାଇଲ୍ ଲଗାଇ ଓ ଚିତ୍ରବିଚିତ୍ର କରି କେନ୍ଦ୍ରକୁ ନବୀକରଣ କରାଯାଇଥିଲେହେଁ କେନ୍ଦ୍ର ପାଇଁ ଶୌଚାଳୟ ନିର୍ମାଣ କରାଯାଇ ନାହିଁ । ଉକ୍ତ ବସ୍ତିରେ ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ ପାଇପ୍ ଜଳ ଯୋଗାଣ ସୁବିଧା ଥିଲେହେଁ ଉକ୍ତ ଅଙ୍ଗନବାଡି କେନ୍ଦ୍ରକୁ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା କରାଯାଇ ନାହିଁ । ବସ୍ତି ମଧ୍ୟରେ ନିର୍ମିତ କଂକ୍ରିଟ୍ ରାସ୍ତା ଭାଙ୍ଗିରୁଜି ଯାଇଥିବା ବେଳେ ସେଗୁଡିକର ମରାମତି କରାଯାଉ ନାହିଁ । ଏହି ବସ୍ତିରେ ଅଦ୍ୟାବଧି କୌଣସି ପକ୍କାନାଳି ମଧ୍ୟ ନିର୍ମାଣ କରାଯାଇ ନାହିଁ । ବସ୍ତିରେ ରହୁଥିବା ଗରିବ ଶ୍ରମିକ ଶ୍ରେଣୀର ଲୋକମାନଙ୍କ ମଧ୍ୟରୁ ଏପର୍ଯ୍ୟନ୍ତ କେତେକ ଲୋକଙ୍କୁ ରାସନ କାର୍ଡ ମିଳିନଥିବା ବେଳେ ଯେଉଁମାନଙ୍କୁ ମିଳିଛି ସେମାନଙ୍କୁ ମଧ୍ୟ ବିଭିନ୍ନ ସମସ୍ୟାରେ କାର୍ଡରେ ଭୁଲ୍ ତ୍ରୁଟି ଥିବା କୁହାଯାଇ ସାମଗ୍ରୀ ଦିଆଯାଉନାହିଁ । ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇବା ପାଇଁ ଅନେକ ଯୋଗ୍ୟ ହିତାଧିକାରୀ ଥିଲେହେଁ ବାରମ୍ବାର ଆବେଦନ ସତ୍ତ୍ୱେ ସେମାନଙ୍କୁ ଭତ୍ତା ମିଳୁନାହିଁ । ନିକଟରେ ଥିବା ପଥର ଖାଦାନରେ ବିଭିନ୍ନ ସମୟରେ ବେଆଇନ୍ ଭାବେ ଉଚ୍ଚ ଶବ୍ଦଯୁକ୍ତ ବିସ୍ଫୋରଣ କରାଯାଉଥିବାରୁ ବସ୍ତିବାସିନ୍ଦାଙ୍କ ଘର କାନ୍ଥ ଫାଟି ଯାଉଥିବା ବାସିନ୍ଦାମାନେ ଅଭିଯୋଗ କରିଛନ୍ତି । ବସ୍ତି ନିକଟରେ ଥିବା ଏକମାତ୍ର ଖେଳପଡିଆକୁ ଭଲ ରାସ୍ତାଟିଏ ନାହିଁ । ସେହିପରି ଡେଡାଙ୍ଗବାସାରେ ଗୋଷ୍ଠୀ ଶୌଚାଳୟ ନଥିବାବେଳେ ପାଇପ୍ ଜଳ ଯୋଗାଣ ମଧ୍ୟ ସଠିକ୍ ଭାବେ ହେଉନାହିଁ । ବସ୍ତିବାସିନ୍ଦାମାନଙ୍କୁ ସ୍ୱଚ୍ଛ ଭାରତ ଅଭିଯାନରେ ବ୍ୟକ୍ତିଗତ ପାଇଖାନା ମଧ୍ୟ ମିଳିନାହିଁ । ଅଧାପନ୍ତରିଆ ଅବସ୍ଥାରେ ବସ୍ତିର ନିର୍ମିତ ରାସ୍ତା ଭାଙ୍ଗିରୁଜି ଯାଇଥିବା ବେଳେ ନାଳି ସମସ୍ୟା ମଧ୍ୟ ରହିଛି । ବସ୍ତିରେ ଅଙ୍ଗନବାଡି କେନ୍ଦ୍ରଟିଏ ନଥିବାରୁ ବସ୍ତିର ଶିଶୁମାନେ ନିକଟସ୍ଥ ମୁଣ୍ଡାବସ୍ତି ଅଙ୍ଗନବାଡିକୁ ଯିବାକୁ ପଡୁଛି । ସମ୍ପୃକ୍ତ ବସ୍ତିରେ ମହାନଗର ନିଗମ ତରଫରୁ ଯୋଗାଇ ଦିଆଯାଇଥିବା ରାସ୍ତା ଆଲୁଅ ଅଧା ଜଳୁଛି ତ ଅଧା ଜଳୁନାହିଁ । ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ କେତେତ ବୁଢାବୁଢୀ ଚାତକ ଭଳି ଚାହିଁ ରହିଛନ୍ତି । ତେବେ ବିଡମ୍ବନାର ବିଷୟ ହେଉଛି ବିକାଶର ଡିଣ୍ଡିମ ପିଟୁଥିବା ମହାନଗର ନିଗମ କର୍ତ୍ତୃପକ୍ଷ ଓ ଶାସକ ଦଳର ସ୍ଥାନୀୟ ପ୍ରତିନିଧି ଏହି ବସ୍ତି ଅଞ୍ଚଳର ସମସ୍ୟାଗୁଡିକୁ ଦେଖିପାରୁ ନାହାନ୍ତି ବୋଲି ଶ୍ରୀ ସେନାପତି ଅଭିଯୋଗ କରିଛନ୍ତି । ଏହି ପରିକ୍ରମା ସମୟରେ ବିଭିନ୍ନ ବର୍ଗର ଲୋକଙ୍କ ସହ ଆଲୋଚନା କରି ଉପରୋକ୍ତ ସମସ୍ୟାଗୁଡିକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଗସ୍ତବେଳେ ଶ୍ରୀ ସେନାପତିଙ୍କ ସମେତ ପିସିସି ସଭ୍ୟ ସବୀର ହୁସେନ, ଯୁବନେତା ମିଟୁ ସାହାଣୀ, ସୁବାଷ ମୁଣ୍ଡା ପ୍ରମୁଖଙ୍କ ସମେତ ବସ୍ତିର ବାସିନ୍ଦାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ଧର୍ମଶାଳା ପୁସ୍ତକ ମେଳା



ଧର୍ମଶାଳା (ପିଏନ୍): ଧର୍ମଶାଳା ସାଧାରଣତନ୍ତ୍ର ପାଳନ କମିଟି ପକ୍ଷରୁ ବାଣୀପୀଠ ପଡିଆରେ ଚାଲିଥିବା ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟାରେ ଆୟୋଜିତ ସାରସ୍ୱତ ସଭାରେ ଡାକ୍ତର ବିଜୟ କୁମାର ଶତପଥୀ ସଭାପତିତ୍ୱ କରିଥିଲେ । ସଭାରେ ମୁଖ୍ୟଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ଉପସଭାପତି ମାଧୁରୀ ଶତପଥୀ ଯୋଗଦେଇ ପାଠକଙ୍କ ହୃଦୟକୁ ଛୁଇଁବା ପରି ଲେଖା ପ୍ରକାଶିତ ହେଲେ ପୁସ୍ତକ ପାଠକୀୟ ମହଲରେ ଆଦୃତିଲାଭ କରିବ ବୋଲି ମତବ୍ୟକ୍ତ କରିଥିଲେ । ଧର୍ମଶାଳା ମହାବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ଅଭିନ୍ନ ଚନ୍ଦ୍ର ଦାଶ ଯୋଗଦେଇ ଓଡିଶା ଭାଷା ସାହିତ୍ୟ ଓ ଚର୍ଯ୍ୟା ଗୀତିକା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ପତ୍ରିକା ଓ ବହି ପ୍ରକାଶନ ଉପରେ ସରକାର ଗୁରୁତ୍ୱାରୋପ କରିବା ଆବଶ୍ୟକ ବୋଲି କହିଥିଲେ । କମିଟି ସଦସ୍ୟ ଜୟପ୍ରକାଶ ତ୍ରିପାଠୀ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ପଣ୍ଡିତ ବ୍ରଜକିଶୋର ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । କମିଟି ସଭ୍ୟମାନେ ଅତିଥିମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସାହିତ୍ୟିକ ଅର୍ଜୁନ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଥିଲା । ଗାଳ୍ପିକ ଅର୍ଜୁନ ପୃଷ୍ଟିଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ବେହୁରିଆ ଯୋଗଦେଇ ପୁସ୍ତକ ଗୋଟିଏ ଦୀପ ସଦୃଶ ଯିଏ ଅଜ୍ଞାନ ରୂପକ ଅନ୍ଧାରକୁ ଦୂରିଭୂତ କରିଥାଏ । ପଠନ ପିପାଶାର ମନୋବୃତି ଗୋଟିଏ ଜାତିର ବିକାଶରେ ପ୍ରମୁଖ ଭୂମିକା ନିଭାଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଗବେଷକ ତଥା ଶିକ୍ଷାବିତ୍ ଜ୍ଞାନରଂଜନ ପତି ଯୋଗଦେଇ ପୁସ୍ତକ ପଠନ ଦ୍ୱାରା ମଣିଷ ମାର୍ଜିତ ଓ ସଂସ୍କାରୀ ହୁଏ ବୋଲି କହିଥିଲେ । ପଣ୍ଡିତ ବ୍ରଜକିଶୋର ଦାଶ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଜୟପ୍ରକାଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଧର୍ମଶାଳା ବାଣୀପୀଠ, ଧର୍ମଶାଳା ପ୍ରାଥମିକ ବିଦ୍ୟାଳୟ, ଦେଉଳି ପ୍ରାଥମିକ ବିଦ୍ୟାଳୟ, ବଡମଙ୍ଗଳପୁର ଉପ୍ରା ବିଦ୍ୟାଳୟ ଓ ଧର୍ମଶାଳା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

ଧର୍ମଶାଳା ପୁସ୍ତକ ମେଳାର ପଂଚମ ସନ୍ଧ୍ୟାରେ ସାରସ୍ୱତ ସଭା ଅନୁଷ୍ଠିତ ହୋଇଯାଇଥିଲା । ପଣ୍ଡିତ ବ୍ରଜକିଶୋର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସାରସ୍ୱତ ସଭାରେ ମୁଖ୍ୟ ଅତିଥି ଭାବେ କବି ଡ. ନୃସିଂହ ଷଡଙ୍ଗୀ ଯୋଗଦେଇ ପ୍ରାଚୀନ କାଳରେ ତାଳପତ୍ର ପୋଥି ଥିଲା । କ୍ରମଶଃ ଏହା ପୁସ୍ତକରେ ପରିଣତ ହୋଇଛି । ଲକ୍ଷ୍ମୀ ପୁରାଣ ପୁସ୍ତକ ଏବେବି ଘରେ ଘରେ ରହିଛି । ଏହି ପୁସ୍ତକଟି ଓଡିଆମାନଙ୍କର ଗର୍ବ ଓ ଗୌରବ । ଯେଉଁଥିରେ ଜାତିପ୍ରଥା ଓ ଆଧ୍ୟାତ୍ମିକ ଭାବ ପୁରି ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଗାଳ୍ପିକ ଅର୍ଜୁନ ପୃଷ୍ଟି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ମନୋଜ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ଧର୍ମଶାଳା ବାଣୀପୀଠ, ଜାରକା ହାଇସ୍କୁଲ, ଚୋରମୁହାଁ ଉପ୍ରା ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ ଧର୍ମଶାଳାର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

# ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲାର ଜାତୀୟ ପ୍ରେସ୍ ଦିବସ ପାଳିତ



ଖୋର୍ଦ୍ଧା (ପିଏନ୍)-ଉତ୍କଳ ସାମ୍ବାଦିକ ସଂଘ ଖୋର୍ଦ୍ଧା ଜିଲ୍ଲା ଆନୁକୂଲ୍ୟରେ ସ୍ଥାନୀୟ ସାଂସ୍କୃତିକ ଭବନରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଅଛି । "ଦୁର୍ନୀତିମୁକ୍ତ ସମାଜ ଗଠନରେ ଗଣମାଧ୍ୟମର ଭୂମିକା" ଶୀର୍ଷକ ଅଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ସଂଘ ଜିଲ୍ଲା ସଭାପତି ପ୍ରଭାତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଅତିରିକ୍ତ ଜିଲ୍ଲାପାଳ, ଖୋର୍ଦ୍ଧା ମନୋଜ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନୀତ ଅତିଥିଭାବେ ପୂର୍ବତନ ଜିଲ୍ଲାପାଳ ଦେବରାଜ ସେନାପତି, ଜଟଣୀ ବସ୍ତିବାସିନ୍ଦା ସଂଘର ସଭାପତି ତଥା ସାମାଜିକ କର୍ମୀ ଯୋଗେଶ ନାୟକ, ଖୋର୍ଦ୍ଧା ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇଥିବା ବେଳେ ସଂଘର ଉପଦେଷ୍ଟା ତଥା ସ୍ତମ୍ଭକାର ଉମାଶଙ୍କର ପ୍ରସାଦ ମୁଖ୍ୟବକ୍ତାଭାବେ ଯୋଗଦେଇ ସୁଦୃଢ଼ ରାଷ୍ଟ୍ରଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି ବୋଲି କହିଥିଲେ । ଏହି ଅବସରରେ ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ସାମାଜିକ, କର୍ମୀ, ଆଇନଜୀବି ଏବଂ ଛାପା ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଏଥିରେ ବରିଷ୍ଠ ନାଗରିକ ମଂଚର ରାମଶଙ୍କର, ଶିକ୍ଷାବିତ୍ ତଥା ଐତିହାସିକ ସତ୍ୟବାଦୀ ବଳିୟାରସିଂହ, ଆଇନଜୀବି ବସନ୍ତ କୁମାର ଦାସ, କ୍ୟାପିଟାଲ ଆଇନ କଲେଜର ପ୍ରାକ୍ତନ ଅଧ୍ୟାପକ ଡଃ ବୃନ୍ଦାବନ ପଣ୍ଡା, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରକାଶ କରିଥିଲେ । ଉତ୍କଳ ସାମ୍ବାଦିକ ସଂଘ, ଖୋର୍ଦ୍ଧା ଜିଲ୍ଲାର ଉପଦେଷ୍ଟା ଉମାଶଙ୍କର ପ୍ରସାଦ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଂଘର କାର୍ଯ୍ୟକାରୀ ସଭାପତି ଅଜିତ କୁମାର ସାହୁ ସମାଜରେ ସାମ୍ବାଦିକମାନଙ୍କର ଭୂମିକା ବିଷୟରେ ବକ୍ତବ୍ୟ ପ୍ରକାଶ କରିଥିଲେ । ଆଜିର ଏହି ସମାରୋହରେ ଜିଲ୍ଲାର ସମସ୍ତ ବ୍ଲକରୁ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ବୈଠକରେ ସଂଘର କୋଷାଧ୍ୟକ୍ଷ ପ୍ରଦୀପ ବେହେରା, ସଭ୍ୟ ଅବ୍ୟକ୍ତ ହରିହର ଖାଡେଙ୍ଗା, କାଳନ୍ଦି ବ୍ରହ୍ମା, ପ୍ରଦିପ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ । ଶେଷରେ ସାମ୍ବାଦିକ ଦେବପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# କଳିଙ୍ଗଭାରତୀ କଲେଜ ପକ୍ଷରୁ ସଫେଇ



ଫୁଲନଖରା (ପିଏନ୍)-ସ୍ଥାନୀୟ ପୀରବଜାରସ୍ଥିତ କଳିଙ୍ଗଭାରତୀ ଆବାସିକ ମହାବିଦ୍ୟାଳୟ ଯୁକ୍ତ ୩ ଜାତୀୟ ସେବା ଯୋଜନା ବିଭାଗ ପକ୍ଷରୁ କଟକ ବାଲିଯାତ୍ରା ପଡ଼ିଆ ସଫେଇ କରାଯାଇଥିଲା । କଲେଜର ୫୦ଜଣରୁ ଉର୍ଦ୍ଧ୍ୱ ସଂଖ୍ୟକ ଛାତ୍ରଛାତ୍ରୀ ବାଲିଯାତ୍ରା ତଳପଡ଼ିଆରେ ପହଞ୍ଚି ଅଳିଆ ଆବର୍ଜନା ଆଦିକୁ ସଫା କରିଥିଲେ । କଲେଜ ଅଧ୍ୟକ୍ଷ ସନ୍ତୋଷକୁମାର ପଣ୍ଡା, ବିଭାଗୀୟ ମୁଖ୍ୟ ବିକାଶକୁମାର ଆଚାର୍ଯ୍ୟ, ଅଧ୍ୟାପିକା ସରୋଜିନୀ ଦାଶ, ସଂଯୋଜକ ସଂଜୟକୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ସ୍ୱଚ୍ଛତା ସମ୍ପର୍କରେ ଦର୍ଶକ ଓ ଗ୍ରାହକମାନଙ୍କୁ ପ୍ଲାକାର୍ଡ଼ ମାଧ୍ୟମରେ ସଚେତନ କରାଯାଇଥିଲା ।

## ଦୁଇ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ନିଲମ୍ବିତ

ବାଲେଶ୍ୱର (ପିଏନ୍)-ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଧେ ବାହାନଗା ବ୍ଲକର ଦୁଇଜଣ ପଞ୍ଚାୟତ ସଂପ୍ରସାରଣ ଅଧିକାରୀଙ୍କୁ ନିଲମ୍ବିତ କରିଛନ୍ତି । କାର୍ଯ୍ୟରେ ଅବହେଳା ଓ ଉପରିସ୍ଥ ଅଧିକାରୀଙ୍କୁ ଅବମାନନା କରିଥିବା ଅଭିଯୋଗରେ ଜିଲ୍ଲାପାଳ ଏହି ଦୁଇଜଣଙ୍କୁ ନିଲମ୍ବିତ କରିଛନ୍ତି । ଚାଳକୁରୁଣିଆ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ବିନୋଦ ସିଂ ଓ କଲ୍ୟାଣୀ ପଞ୍ଚାୟତର ନିଳାମ୍ବର ମହାଳିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯାଇ ବିନୋଦଙ୍କୁ ଖଇରା ଓ ନିଳାମ୍ବର ସଦର ବ୍ଲକରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ରହିଛି । ଏହାବ୍ୟତିତ ସେମାନେ ନିଜ ନିଜର ମୁଖ୍ୟ କାର୍ଯ୍ୟସ୍ଥଳୀ ଛାଡ଼ି ଯାଇପାରିବେ ନାହିଁ କି ଛୁଟିରେ ରହିପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି ।

ପର୍ଯ୍ୟବେକ୍ଷକ
PARYABEKHYAK



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




ଭୁବନେଶ୍ୱର, ୨୦୨୨, ନଭେମ୍ବର ୧୯

# ପଦ୍ମପୁରର ଗୁରୁତ୍ୱ !

ଧାମନଗର ବିଧାନସଭା ଉପ-ନିର୍ବାଚନର ଫଳାଫଳ ନେଇ ରାଜନୈତିକ ମହଲ ଓ ସାଧାରଣରେ ଚର୍ଚ୍ଚା ଥମି ନଥିଲା ବେଳେ ଏବେ ବରଗଡ ଜିଲ୍ଲାର ପଦ୍ମପୁର ବିଧାନସଭା ଆସନରେ ଉପ-ନିର୍ବାଚନ ପାଇଁ ଦୁନ୍ଦୁଭି ବାଜିଛି। ଏଠାରେ ଡିସେମ୍ବର ୫ ତାରିଖରେ ଭୋଟ ଗ୍ରହଣ ହେବାକୁ ଥିବାବେଳେ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଗଲାଣି। ବିଜେଡିର ବିଧାୟକ ବିଜୟ ସିଂ ବରିହାଙ୍କ ବିୟୋଗ ଯୋଗୁଁ ଏଠାରେ ଉପ-ନିର୍ବାଚନ ହେଉଥିବାବେଳେ ରାଜ୍ୟର ତିନି ପ୍ରମୁଖ ଦଳ ଶାସକ ବିଜେଡି, ମୁଖ୍ୟ ବିରୋଧିଦଳ ବିଜେପି ଏବଂ କଂଗ୍ରେସ ମଧ୍ୟରେ ମୁଖ୍ୟତଃ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହୋଇଛି। ଧାମନଗର ପରି ପଦ୍ମପୁରରେ ବିଜେଡି ମଧ୍ୟ ଜଣେ ମହିଳାଙ୍କୁ ପ୍ରାର୍ଥୀ କରିଛି। ତେବେ ତଫାତ୍ ଏତିକି ଯେ ଦିବଂଗତ ବିଧାୟକଙ୍କ କନ୍ୟା ବର୍ଷା ରାଣୀ ସିଂ ବରିହାଙ୍କୁ ବିଜେଡି ପ୍ରାର୍ଥୀ କରିଛି। ବର୍ଷା ରାଣୀ ଜଣେ ଉଚ୍ଚଶିକ୍ଷିତା ଯୁବତୀ। ସେହିପରି ବିଜେପି ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତଙ୍କୁ ପ୍ରାର୍ଥୀ କରିଥିବାବେଳେ କଂଗ୍ରେସ ମଧ୍ୟ ପୂର୍ବତନ ବିଧାୟକ ସତ୍ୟବ୍ରତ ସାହୁଙ୍କୁ ପ୍ରାର୍ଥୀ କରିଛି। ଉଲ୍ଲେଖଯୋଗ୍ୟ ଯେ, ବିଜେପି ପ୍ରାର୍ଥୀ ପୁରୋହିତ ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ପଦ୍ମପୁରର ବିଧାୟକ ଥିବାବେଳେ ଗତ ବିଧାନସଭା ନିର୍ବାଚନରେ ବିଜେଡିର ବରିହାଙ୍କଠାରୁ ପରାସ୍ତ ହୋଇଥିଲେ। ଏଥର ପୁଣି ବିଜେପି ତାଙ୍କ ଉପରେ ଭରସା କରିଛି। ସେହିପରି






କଂଗ୍ରେସ ପ୍ରାର୍ଥୀ ଶ୍ରୀ ସାହୁ ଜଣେ ଅଭିଜ୍ଞ ନେତା ଭାବେ ପରିଚିତ ଥିବା ବେଳେ ତିନିଥରର ବିଧାୟକ। ଏଠାରେ କଂଗ୍ରେସର ସ୍ୱତନ୍ତ୍ର ଭୋଟ ବ୍ୟାଙ୍କ ଥିବା ଗତ ବିଧାନସଭା ନିର୍ବାଚନ ଫଳାଫଳ ସଂକେତ ପ୍ରଦାନ କରିଥିଲା। ଅନ୍ୟପକ୍ଷରେ ନିକଟରେ ହୋଇଥିବା ଧାମନଗର ବିଧାନସଭା ଉପ-ନିର୍ବାଚନରେ ବିଜୟ ହାସଲ କରିବା ପରେ ବିଜେପି ଅତିମାତ୍ରାରେ ଉଲ୍ଲସିତ ଥିବାବେଳେ ନିର୍ବାଚନକୁ କର ଅବା ମର ଭାବେ ଗ୍ରହଣ କରିଥିବା ପ୍ରାର୍ଥୀପତ୍ର ଦାଖଲ ଶୋଭାଯାତ୍ରା ସୂଚନା ପ୍ରଦାନ କରିଛି ବୋଲି କୁହାଯାଇପାରିବ। ଦଳର ବରିଷ୍ଠ ନେତାମାନେ ପ୍ରାର୍ଥୀପତ୍ର ଦାଖଲ ଶୋଭାଯାତ୍ରାରେ ଏକତ୍ର ହେବା ନିଶ୍ଚିତ ଗୁରୁତ୍ୱ ବହନ କରେ। ମାତ୍ର ପଦ୍ମପୁରରେ ବିଭିନ୍ନ ଦାବି ନେଇ ଦୀର୍ଘଦିନ ଧରି ଧାରଣାରେ ଥିବା ସ୍ଥାନୀୟ କୃଷକ ସଂଗଠନକୁ ସମର୍ଥନ କରି ବିଜେପି ପ୍ରାର୍ଥୀ ସେହିଦିନ ନାମାଙ୍କନ ଦାଖଲ ନକରିବା ଦଳର ରଣନୀତି ବୋଲି କୁହାଯାଇପାରେ। ଉଲ୍ଲେଖଯୋଗ୍ୟ, ରାଜ୍ୟର ଭାତହାଣ୍ଡି ଭାବେ ପରିଚିତ ବରଗଡ ଜିଲ୍ଲାର ଚାଷୀ ସଂଗଠନ ବିଶେଷ ଗୁରୁତ୍ୱ ବହନ କରିଆସିଛି। ପଦ୍ମପୁର ନିର୍ବାଚନକୁ ବିଜେପି ଏବେ ଏକ ମର୍ଯ୍ୟାଦାର ପ୍ରଶ୍ନ ଭାବେ ଗ୍ରହଣ କରିଥିବା ଏହାର ନିର୍ବାଚନ ରଣନୀତିକୁ ସ୍ପଷ୍ଟ ମନେହୁଏ। ଅନ୍ୟପକ୍ଷରେ ଧାମନଗର ନିର୍ବାଚନରେ ପରାଜୟ ପରେ ଶାସକ ବିଜେଡି କିଛି ଶିକ୍ଷାଲାଭ କରିଥିବା ମନେକରାଯାଏ। ଏହାର କାରଣ ହେଉଛି, ଗତ ୨୦୦୯ ମସିହା ପରେ କୌଣସି ଉପ-ନିର୍ବାଚନରେ ବିଜେଡି ହାରି ନଥିଲା। ପ୍ରାର୍ଥୀ ଚୟନରେ ତ୍ରୁଟି କ୍ରମାଗତ ସଫଳତାର ଆତ୍ମତୃପ୍ତି ଏବଂ ଯୁବ ନେତୃତ୍ୱର ଅହଂକାର ଦଳକୁ ଦୀର୍ଘ ଏକ ଦଶନ୍ଧି ପରେ ବିଫଳତାର ସ୍ୱାଦ ଚଖାଇଥିବାବେଳେ ପଦ୍ମପୁରରେ ପ୍ରାର୍ଥୀ ଚୟନରେ ପୂର୍ବ ତ୍ରୁଟିର ପୁନରାବୃତି କରିନଥିବା ମନେହୁଏ। ପଦ୍ମପୁରରେ ବିଜେଡି ଟିକେଟରେ ଲଢିବାକୁ ପ୍ରଶାସନିକ ଅଫିସର ପଦବୀରୁ ଇସ୍ତଫା ଦେଇ ଜୋରଦାର ଲବି କରିଥିବା ଜଣେ ଉଚ୍ଚଶିକ୍ଷିତଙ୍କୁ ନିରାଶ ହେବାକୁ ପଡିଛି। ସ୍ୱର୍ଗତଃ ବରିହାଙ୍କ କନ୍ୟାକୁ ଦଳ ପ୍ରାର୍ଥୀ କରି ଅନୁକମ୍ପା ଭୋଟ ହାସଲ କରିବାକୁ ଲକ୍ଷ୍ୟ ରଖିଛି। କେବଳ ଏତିକି ନୁହେଁ, ବର୍ଷା ରାଣୀଙ୍କୁ ପ୍ରାର୍ଥୀ କରି ଦଳ ପଦ୍ମପୁର ରାଜନୀତିରେ ପ୍ରଭାବଶାଳୀ ସଂପ୍ରଦାୟ ଭାବେ ପରିଚିତ ବିଂଝାର ସଂପ୍ରଦାୟର ଦାବିକୁ ଗ୍ରହଣ କରିଛି। କେବଳ ଏତିକି ନୁହେଁ, ଧାମନଗରରେ ବାହାର ଜିଲ୍ଲାର ନେତୃତ୍ୱକୁ ଲଦି ଦିଆଯାଇଥିବାବେଳେ ଏଥର ଦଳ ସେ ଭୁଲର ପୁନରାବୃତି କରିନାହିଁ। ସ୍ଥାନୀୟ ନେତାଙ୍କ ଉପରେ ଦଳ ନିର୍ବାଚନ ପରିଚାଳନା ଦାୟିତ୍ୱ ନ୍ୟସ୍ତ କରିଛି। ଆହୁରି ମଧ୍ୟ ପଦ୍ମପୁରରେ ରାଷ୍ଟୀ ରାଜନୀତି ସର୍ବଦା ପ୍ରଭାବଶାଳୀ ବିବେଚିତ ହୋଇଆସିଥିବାବେଳେ ମୁଖ୍ୟମନ୍ତ୍ରୀ ରାଜ୍ୟର ମରୁଡି ପ୍ରଭାବିତ ଅଂଚଳର ଚାଷୀଙ୍କୁ ୨୦୦ କୋଟି ଟଙ୍କାର ଇନପୁଟ୍ ସହାୟତା ଘୋଷଣା କରି ତୁରନ୍ତ ଏହା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ବିଜେପି ମଧ୍ୟ ପଛରେ ପଡିନାହିଁ। କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂହ ତୋମାର ଟୁଇଟ୍ କରି ତୁରନ୍ତ ଚାଷୀଙ୍କୁ ଫସଲବୀମା ସହାୟତା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଉପ-ନିର୍ବାଚନ ପରିପ୍ରେକ୍ଷୀରେ ଉଭୟ ବିଜେଡି-ବିଜେପି ଏହାକୁ ନେଇ ପରସ୍ପର ବିରୋଧରେ ଗୋଟିଚାଳନା କରିଛନ୍ତି। ଏହା ନିଶ୍ଚିତ ଯେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ବିଜେଡିର ସବୁଠାରୁ ବଡ ସମ୍ପତି। ସେ ନିଜେ ପ୍ରତ୍ୟକ୍ଷ ଭାବେ ପ୍ରଚାର ମଇଦାନରେ ଅବତୀର୍ଣ୍ଣ ହେବାକୁ ଆଗ୍ରାହ୍ୟ କରାଯାଇ ନ ପାରେ। ପଦ୍ମପୁର ବିଜେଡି ହାତରେ ଥିଲା ଏବଂ ରଖିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବା ସ୍ୱାଭାବିକ। କାରଣ ପଦ୍ମପୁରରେ ବିଜେଡିର ପରାଜୟ ହେଲେ, ଏହା ରାଜ୍ୟରେ ବିଜେଡିର ଅବକ୍ଷୟ ସନ୍ଦେଶ ଦେବା ସହ ପରବର୍ତୀ ନିର୍ବାଚନକୁ ପ୍ରଭାବିତ କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ। ତେବେ ଏବେ କେବଳ ଅପେକ୍ଷା କରିବା।

—ସୌଭାଗ୍ୟରଂଜନ ମହାନ୍ତି (ରାଜା)
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

**ସଂସାରକୁ ତ୍ୟାଗ ନ କରି ତା' ପ୍ରତି ନିର୍ଲିପ୍ତ (ବୀତସ୍ପୃହ) ହେବା ଭଲ।**

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

E-mail: editorpbkc@gmail.com
9853400829 (M), Fax: 0674-2550504

# ଭାରତର ପ୍ରଶଂସାରେ ପୁତିନ

ସୌମେନ୍ଦ୍ର ଜେନା



ରୁଷିଆର ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ଦ୍ୱାରା ଭାରତର ପ୍ରଶଂସା କରାଯିବାକୁ କେନ୍ଦ୍ରକରି ପାଶ୍ଚାତ୍ୟ ଜଗତରେ ଭ୍ରୂକୁ□ନ ଆରମ୍ଭ ହୋଇଛି। ଏମିତି ରୁଷିଆ-ୟୁକ୍ରେନ ଯୁଦ୍ଧ ପରଠାରୁ ପାଶ୍ଚାତ୍ୟ ରାଷ୍ଟ୍ର ସମୂହ ଭାରତକୁ ରୁଷିଆଠାରୁ ଦୂରେଇବାକୁ ଅନେକ ପ୍ରକାର ଚେଷ୍ଟା କରିସାରିଛନ୍ତି। ଭିନ୍ନ ଭିନ୍ନ ମ□ରେ ଆଲୋଚନା - ସମାଲୋଚନାଠାରୁ ଆରମ୍ଭ କରି ଦୋଷଦେବାକୁ ମଧ୍ୟ ଭୁଲିନାହାନ୍ତି। ରୁଷିଆକୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ କରିବା ଲାଗି ନାଟୋ ଗୋଷ୍ଠୀ ସମସ୍ତ ପ୍ରକାର କଟକଣା ଲାଗୁକରି ମଧ୍ୟ ରୁଷିଆକୁ ଏକଲା କରି ରଖିବାକୁ ସକ୍ଷମ ହୋଇନାହାନ୍ତି। ଅପରପକ୍ଷେ ଏହି ସମୟରେ ରୁଷିଆ ପୁରୁଣା ବନ୍ଧୁରାଷ୍ଟ୍ର ଭାରତକୁ ଶକ୍ତି କ୍ଷେତ୍ରରେ ସ୍ୱତନ୍ତ୍ର ରିହାତି ଦେଇ ବିଶେଷ ଲାଭବାନ ହୋଇଛି। ଆର୍ଥିକ ଦୃଷ୍ଟିରୁ ଦେଖିଲେ ରୁଷିଆର ମୁଦ୍ରା ରୁବଲ ଯୁଦ୍ଧପର କାଳରେ ଡଲାର ତୁଳନାରେ ଅଧିକ ଶକ୍ତିଶାଳୀ ହେବାରେ ଲାଗିଛି। ପେଟ୍ରୋଲ-ଗ୍ୟାସ ଯୋଗାଣକୁ ବନ୍ଦ କରି ଦେଲେ ରୁଷିଆ ଦୁର୍ବଳ ହୋଇ ପଡିବ ବୋଲି ଯେପରି ପୂର୍ବରୁ ଆକଳନ ହେଉଥିଲା ତାହା ସଫଳ ହୋଇନାହିଁ। ଏହାର କାରଣ ଭାରତ ଓ ଚୀନ ପରି ଜନବହୁଳ ରାଷ୍ଟ୍ର ରୁଷିଆରୁ ଅଧିକ ପରିମାଣରେ ଶସ୍ତା ଦରରେ ତୈଳ କ୍ରୟ କରି ବିକଳ୍ପ ବଜାର ହୋଇ ଛିଡା ହେବା। ଜାତିସଂଘଠାରୁ ଆରମ୍ଭ କରି ପୃଥିବୀର ଭିନ୍ନ ଭିନ୍ନ ମ□ରେ ଭାରତ ନିଜର ତୈଳ କ୍ରୟ ସପକ୍ଷରେ ଦୃଢମତ ରଖିବା ସହ ଲୋକଙ୍କ ଆବଶ୍ୟକତାକୁ ଋହିଁ କାର୍ଯ୍ୟ କରିବାକୁ ଦୋହରାଇଛି। ନିକଟରେ ତୈଳ ଓ ଗ୍ୟାସ ଯୋଗାଣ ମନ୍ତ୍ରୀ ହରଦୀପ ସିଂହ ପୁରୀ ମଧ୍ୟ ବିଦେଶୀ ମିଡିଆରେ ଭାରତର ଦୃଢ ପଦକ୍ଷେପ ସପକ୍ଷରେ କରିଛନ୍ତି। ଏପରିକି ଅନ୍ୟରାଷ୍ଟ୍ରର କୌଣସି ପ୍ରକାର ଋପ ନିକଟରେ ଭାରତ ଆତ୍ମସମର୍ପଣ ମଧ୍ୟ କରିବ ନାହିଁ ବୋଲି ସ୍ପଷ୍ଟ ଭାବେ କହିଛନ୍ତି। ଭାରତର ଏହି ଦୃଢ ପଦକ୍ଷେପକୁ ବାରମ୍ବାର ଲକ୍ଷ୍ୟ କରିଆସୁଥିବା ପୁତିନ ରୁଷିଆର ମିଡିଆ ସମ୍ମୁଖରେ ଦୁଇଦୁଇଥର ଭାରତୀୟ ଗଣତନ୍ତ୍ର, ସ୍ୱାଧୀନ ବିଦେଶନୀତି, ବିକାଶମୁଖୀ ପ୍ରୟାସ ଏବଂ ଭାରତର ସ୍ୱଦେଶପ୍ରେମୀ ପ୍ରଧାନମନ୍ତ୍ରୀଙ୍କର ପ୍ରଶଂସା କରିବା ଆଦୌ ନୂଆ କଥା ନୁହେଁ। ଦ୍ୱିତୀୟତଃ ନଭେମ୍ବର ଦ୍ୱିତୀୟ ସପ୍ତାହରେ ଭାରତର ବିଦେଶମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ରୁଷିଆ ଗସ୍ତ ପୂର୍ବରୁ ପୁତିନଙ୍କ ଏପରି ପ୍ରଶଂସା ଦ୍ୱିପାକ୍ଷିକ ସଂପର୍କକୁ ଅଧିକ ସୁଦୃଢ କରିବାକୁ ଉଦ୍ଦିଷ୍ଟ ବୋଲି ବୁଝିବାକୁ ହେବ।

ରୁଷିଆ-ୟୁକ୍ରେନ ଯୁଦ୍ଧ ପୂର୍ବରୁ ୨୦୨୦-୨୧ରେ ୦.୨ ପ୍ରତିଶତ ତୈଳ ରୁଷିଆଠାରୁ ଭାରତ କ୍ରୟ କରୁଥିଲା, ଯାହା ଚଳିତବର୍ଷ ଅକ୍ଟୋବର ମାସରେ ପ୍ରତିଦିନ ଯୋଗାଣ ୯,୩୫,୫୫୫ ବ୍ୟାରେଲରେ ପହ□ିଛି। ଏହି ତୈଳ ଯୋଗାଣ ମୋଟ ଯୋଗାଣର ୨୨ ପ୍ରତିଶତ ହେବାପରେ ଇରାକରୁ ଆମଦାନୀ ୨୦.୫ ପ୍ରତିଶତ ଦ୍ୱିତୀୟକୁ ଏବଂ ସାଉଦି ଆରବରୁ ୧୬ ପ୍ରତିଶତ ଆମଦାନୀ ତୃତୀୟ ସ୍ଥାନକୁ ଯାଇଛି। ପାଶ୍ଚାତ୍ୟ ରାଷ୍ଟ୍ର ରୁଷିଆକୁ ଦଣ୍ଡିତ କରିବା ଲକ୍ଷ୍ୟରେ ଆମଦାନୀ ବନ୍ଦ କଲାପରେ ରୁଷିଆ ଭାରତ ପାଇଁ ସ୍ୱତନ୍ତ୍ର ରିହାତି ଘୋଷଣା କରି ଭାରତର ବଜାରରେ ପ୍ରବେଶ ପାଇଁ ମାର୍ଗ ପ୍ରଶସ୍ତ କଲା। କାରଣ ଗତ ଡିସେମ୍ବର ୨୦୨୧ରେ ଭାରତ ରୁଷିଆଠାରୁ ଦୈନିକ ୩୬,୨୫୫ ବ୍ୟାରେଲ ତୈଳ ଆମଦାନୀ କରୁଥିଲା ଯାହା ମାର୍ଚ୍ଚ-ଜୁନ ମଧ୍ୟରେ ବଢିବଢି ୬୮,୬୦୦ ବ୍ୟାରେଲରୁ ୯୪୨,୬୯୪ ବ୍ୟାରେଲ ପ୍ରତିଦିନ ଯୋଗାଣରେ ପହ□ ଯାଇଥିଲା। କିନ୍ତୁ ଗତ ଜୁନ୍ ମାସରେ ଇରାକ ୧.୦୪ ମିଲିଅନ ବ୍ୟାରେଲ ତୈଳ ଯୋଗାଇ ଏକ ନମ୍ବର ଯୋଗାଣକାରୀ ଥିଲା। ଅକ୍ଟୋବର ମାସରେ ଇରାକରୁ ଭାରତକୁ ତୈଳ ଯୋଗାଣ ପ୍ରତିଦିନ ୮୮୮,୦୭୯ ବ୍ୟାରେଲ ଏବଂ ସାଉଦି ଆରବରୁ ତୈଳ ଯୋଗାଣ ପ୍ରତିଦିନ ୭୪୬,୯୪୭ ବ୍ୟାରେଲରେ ରହିଥିଲା। ବ୍ୟାରେଲ ପିଛା ୩୦ ଡଲାର ରିହାତି ଦେଉଥିବା ରୁଷିଆର ତୈଳ ଚୀନ, ଭାରତ ସମେତ ତୁର୍କୀ, ଇଟାଲୀ, କ୍ୟୁବା, ଶ୍ରୀଲଙ୍କା, ବଙ୍ଗଳାଦେଶ ପାକିସ୍ଥାନ ପାଇଁ ଆକର୍ଷଣୀୟ ଯୋଗାଣ ହୋଇଛି। ବିକଶିତ ଜି-୭ ଗୋଷ୍ଠୀ (ବ୍ରିଟେନ, ଆମେରିକା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ଜାପାନ) ତୈଳ କ୍ରୟ ପାଇଁ ରୁଷିଆ ତୈଳ ଦର ଉପରେ ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଭାରତ ଉପରେ ଋପ ପ୍ରୟୋଗ କରିଥିଲେ ମଧ୍ୟ ସେଥିରେ ଭାରତ ସାମିଲ ହେବନାହିଁ ବୋଲି ସ୍ପଷ୍ଟ କହିଦେଇଛି।

ଭାରତ ସମୟକ୍ରମେ ନିଜର ଆବଶ୍ୟକତାର ପୂରଣ ଲାଗି ଗତ ଏପ୍ରିଲରେ ଅମିରାତ (ୟୁଏଇ) ଠାରୁ ୫୪ ପ୍ରତିଶତ, ଇରାକଠାରୁ ୩୦ ପ୍ରତିଶତ ଏବଂ କଲମ୍ବିଆଠାରୁ ୧୦ ପ୍ରତିଶତ ତୈଳ କ୍ରୟ କରିଥିଲା। ଜାନୁଆରୀ ୨୦୨୦ରେ ଭାରତର ତୈଳ ଆମଦାନୀ ୪୧.୧୫ ବିଲିଅନ ଡଲାର, ଜାନୁଆରୀ ୨୦୨୧ରେ ୪୨.୦୩ ବିଲିଅନ ଡଲାର, ଜାନୁଆରୀ ୨୦୨୨ରେ ୫୨.୦୧ ବିଲିଅନ ଡଲାର ରହିଥିଲା। କୋରୋନା କାଳରେ ତୈଳର ବ୍ୟବହାର କମ୍ ଥିଲାବେଳେ ଚଳିତବର୍ଷ ତାହା ବୃଦ୍ଧିପାଇଛି। ତେବେ ଏପ୍ରିଲ-ସେପ୍ଟେମ୍ବର ୨୦୨୧ ଏବଂ ଏପ୍ରିଲ-ସେପ୍ଟେମ୍ବର ୨୦୨୨ର ତଥ୍ୟକୁ ଆକଳନ କଲେ ଜାଣିହେବ ଯେ ଚଳିତ ବର୍ଷ ରୁଷିଆରୁ ଭାରତର ଆମଦାନୀ ଗତବର୍ଷ ୪.୧୯ ବିଲିଅନ ଡଲାର ଥିଲାବେଳେ ଚଳିତବର୍ଷ ଏହି ସମାନ ସମୟରେ ତାହା ବୃଦ୍ଧିପାଇ ୨୧.୩୫ ବିଲିଅନ ଡଲାରରେ ପହ□ିଛି, ଯାହା ପ୍ରାୟ ପା□ଗୁଣ ହୋଇଛି। ଅଶୋଧିତ ପେଟ୍ରୋଲ ଆମଦାନୀ ଗତବର୍ଷ ୧.୩୩ ବିଲିଅନ ଡଲାର ଥିଲାବେଳେ ଚଳିତବର୍ଷ ୧୪.୦୭ ବିଲିଅନ ଡଲାରକୁ ଛୁଇଁଛି। ସେହିପରି ଏହି ସମୟରେ କୋଇଲା ଏବଂ କୋଇଲା ଜାତୀୟ ଜାଳେଣି ୦.୫୬ରୁ ୨.୨୬ ବିଲିଅନ ଡଲାର, ପେଟ୍ରୋଲଜାତ ଦ୍ରବ୍ୟ ୦.୨୫ରୁ ୧.୫୨ ବିଲିଅନ ଡଲାର, ସାର ୦.୧୯ରୁ ୧.୬୧ ବିଲିଅନ ଡଲାର, ମୂଲ୍ୟବାନ ପଥର ୦.୪୨ରୁ ୦.୬୪ ବିଲିଅନ ଡଲାରକୁ ବୃଦ୍ଧି ପାଇଛି। ତେଣୁ ଏହି ସମୟରେ କେବଳ ଯେ ତୈଳ ଆମଦାନୀ ବଢିଛି ତା' ନୁହେଁ, ଅନ୍ୟାନ୍ୟ ବସ୍ତୁଗୁଡିକର ମଧ୍ୟ ଆମଦାନୀ ପରିମାଣ ବୃଦ୍ଧିପାଇଛି। ଯାହାଫଳରେ ଭାରତ-ରୁଷିଆ ଦ୍ୱିପାକ୍ଷିକ ବାଣିଜ୍ୟ ସଂପ୍ରତି ଇଣ୍ଡୋନେସିଆ, ଇରାକ, ସିଙ୍ଗାପୁର, ଦକ୍ଷିଣ କୋରିଆ ଏବଂ ଅଷ୍ଟ୍ରେଲିଆ ସହ ବାଣିଜ୍ୟକୁ ଅତିକ୍ରମ କରିଯାଇଛି। ଫଳରେ ଚଳିତବର୍ଷ ରୁଷିଆ ଭାରତର ପ□ମ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ରର ସ୍ଥାନକୁ ଉଠିଛି। ଏପ୍ରିଲ-ସେପ୍ଟେମ୍ବର ୨୦୨୧ ଏବଂ ୨୦୨୨ ତଥ୍ୟ ଅନୁଯାୟୀ ଗତବର୍ଷ ରୁଷିଆ ସହ ଭାରତର ବାଣିଜ୍ୟ ୫.୭୮ ବିଲିଅନ ଡଲାର ଥିଲାବେଳେ ଚଳିତବର୍ଷ ୨୨.୬୪ ବିଲିଅନ ଡଲାର ହୋଇଛି। ତେଣୁ ପୁତିନଙ୍କର ଭାରତକୁ ପ୍ରଶଂସା କରିବା ପଛରେ ନିଶ୍ଚିତ କାରଣ ରହିଛି ବୋଲି କୁହାଯାଇପାରେ।

ନିକଟରେ ଜାତିସଂଘରେ ରୁଷିଆ ପକ୍ଷରୁ ଆସିଥିବା ୟୁକ୍ରେନ ବିରୋଧୀ ପ୍ରସ୍ତାବକୁ ଭାରତ ସମେତ ୧୦୫ ଦେଶ ସମର୍ଥନ ଦେଇଥିଲେ। ସେଥିରେ ୟୁକ୍ରେନର ନାଜିବାଦୀ ବିଋରକୁ ବିରୋଧ କରାଯିବା ବିଷୟ ରହିଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ ୟୁକ୍ରେନର କେତେକ ଅ□ଳର ଲୋକେ ରୁଷିଆର ଶାସକ ଷ୍ଟାଲିନଙ୍କୁ ହଟାଇବା ପାଇଁ ହିଟଲରଙ୍କୁ ସମର୍ଥନ ଦେଇ କାର୍ଯ୍ୟ କରିଥିଲେ। ଏବେ ମଧ୍ୟ ୟୁକ୍ରେନରେ ହିଟଲରଙ୍କ ପ୍ରଶଂସାରେ ସାଧାରଣରେ ଶୋଭାଯାତ୍ରା ବାହାରିଥାଏ। ୟୁକ୍ରେନର ଏହି ନାଜିବାଦୀ ବିଋର ବିରୋଧରେ ଗତବର୍ଷ ରୁଷିଆ ପ୍ରସ୍ତାବ ଆଣି ଯେଉଁ ସମର୍ଥନ ଲାଭ କରିଥିଲା, ଏବେ ତା'ଠାରୁ ଅଧିକ ସମର୍ଥନ ପାଇଛି। ଅଳ୍ପ କିଛି ପାଶ୍ଚାତ୍ୟ ରାଷ୍ଟ୍ରକୁ ବାଦଦେଲେ ସଂଖ୍ୟାଧିକ ରାଷ୍ଟ୍ର ରୁଷିଆକୁ ସମର୍ଥନ କରିବା ଦେଖାଯାଇଥିଲା। ନାଟୋ ବିରୋଧୀ ସଂଘର୍ଷରେ ରୁଷିଆ ପଡୋଶୀ ରାଷ୍ଟ୍ର ଚୀନ ଏବଂ ବନ୍ଧୁରାଷ୍ଟ୍ର ଭାରତଠାରୁ ସମର୍ଥନ ଆଶା କରୁଥିଲେ ହେଁ ନୀତିଗତ ଦୃଷ୍ଟିରୁ ଭାରତ ଯେପରି ତୈଳକ୍ରୟ ଏବଂ ଦ୍ୱିପାକ୍ଷିକ ବାଣିଜ୍ୟରେ ରୁଷିଆ ସପକ୍ଷ ମତ ଦେଇଆସୁଛି ସେସବୁକୁ ପୁତିନ ପସନ୍ଦ କରୁଛନ୍ତି। ପୁତିନଙ୍କ ସନ୍ଦେହ ଅଛି ଯେ ଚୀନ ସୁଯୋଗ ପାଇଲେ ରୁଷିଆର ପକ୍ଷ ଛାଡିଦେଇପାରେ। ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଁ ଜର୍ମାନୀର ଋନସେଲର ନିକଟରେ ବେଜିଂ ଗସ୍ତ କରି ଜିନପିଙ୍ଗଙ୍କୁ ରୁଷିଆ ବିରୋଧୀ ମନ୍ତବ୍ୟ ଦେବାକୁ କହିବା ପରେ କୌଣସି ପ୍ରକାର ଆଣବିକ ଅସ୍ତ୍ର ପ୍ରୟୋଗ ନକରିବା ପାଇଁ ରୁଷିଆକୁ ଚୀନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଆମେରିକାପ୍ରଶିକ୍ଷିତ ଆଫଗାନ କମାଣ୍ଡୋମାନଙ୍କୁ ୟୁକ୍ରେନ ବିରୋଧୀ ଯୁଦ୍ଧପାଇଁ ଇରାନ ମାଧ୍ୟମରେ ରୁଷିଆ ନିଯୁକ୍ତି ଦେଉଥିବାରୁ ଚୀନ୍ କ୍ଷୁବ୍ଧ ହୋଇଛି। ଏହି କମାଣ୍ଡୋମାନେ ପ୍ରାୟ ଦେଢବର୍ଷ ହେବ ବେରୋଜଗାର ହୋଇ ଆଫଗାନିସ୍ଥାନର ପଡୋଶୀ ରାଷ୍ଟ୍ରଗୁଡିକରେ ପରିବାର ସହ ରହୁଛନ୍ତି। ଏମାନଙ୍କୁ ଶରଣ ମିଳିଥିଲେ ମଧ୍ୟ ରୋଜଗାର ମିଳୁନାହିଁ। ତେଣୁ ରୁଷିଆର ନିଯୁକ୍ତି ସେମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହୋଇଛି। ଦୀର୍ଘଦିନ ଧରି ୟୁକ୍ରେନ ବିରୋଧୀ ଯୁଦ୍ଧ ଜାରି ରହିବା ଯୋଗୁ ସାମୁଦ୍ରିକ ପଥରେ ଚୀନର ଯୋଗାଣ ବ୍ୟାହତ ହୋଇଛି, ଯାହା ଜିନପିଙ୍ଗଙ୍କୁ କ୍ଷୁବ୍ଧ କରିଛି। ପାକ୍ ମାଧ୍ୟମରେ ୟୁକ୍ରେନକୁ ପାଶ୍ଚାତ୍ୟ ରାଷ୍ଟ୍ରର ଅସ୍ତ୍ର ଯୋଗାଣ ଏବଂ ଆଣବିକ ଅସ୍ତ୍ର ପ୍ରସ୍ତୁତି ପାଇଁ ୟୁକ୍ରେନ-ପାକ୍ ସହଯୋଗ ବୃଦ୍ଧି ବିଷୟ ଜଣାପଡିଲା ପରେ ରୁଷିଆ ପାକ୍ ସରକାରଙ୍କ ଉପରେ ଅଧିକ କ୍ଷୁବ୍ଧ ହୋଇଛି। କିନ୍ତୁ ରୁଷିଆ ସହ ଭାରତ ପାକ୍, ଚୀନ ପରି ଡବଲ ଗେମ୍ ଖେଳିବାର ଇତିହାସ ନାହିଁ; ବରଂ ମୋଦୀଙ୍କ ସରକାରର ଫ୍ଲାଇନର ସିଧାଷ୍ଟ୍ରାଇକ୍‌କୁ ପୁତିନ ଅଧିକ ପସନ୍ଦ କରିଛନ୍ତି। ରୁଷିଆ ସହ ସଂପର୍କ ରକ୍ଷା ମାମଲାରେ ନାଟୋ ଗୋଷ୍ଠୀକୁ ଭାରତର ଜବାବ ପୁତିନଙ୍କ ବିଶ୍ୱାସବୃଦ୍ଧି କରିଛି। ନିକଟରେ ହୋଇଥିବା ଏକ ସର୍ଭେରେ ଭାରତୀୟ ଲୋକେ ପୁତିନଙ୍କ ନୀତିକୁ ଅଧିକ ସମର୍ଥନ କରୁଥିବା ପ୍ରକାଶ ପାଇଛି ଯାହା ରୁଷିଆ ବାହାରେ ପୁତିନଙ୍କ ପାଇଁ ସଂଖ୍ୟାଧିକ ସମର୍ଥନ ବୋଲି ଗଣାଯାଉଛି। ଭାରତର ସରକାର ଏବଂ ଜନସାଧାରଣଙ୍କ ମନରେ ରୁଷିଆ ପ୍ରତି ରହିଥିବା ଶ୍ରଦ୍ଧାକୁ ପୁତିନ ସମ୍ମାନ ପାଇଁ ଭାରତର ପ୍ରଶଂସା ସାଧାରଣରେ କରିଛନ୍ତି। ମସ୍କୋଠାରେ ଚଳିତ ମାସ ନଭେମ୍ବର ୮-୯ ଦୁଇଦିନ ଧରି ଜୟଶଙ୍କରଙ୍କ ରୁଷିଆ ବିଦେଶ ମନ୍ତ୍ରୀ ସର୍ଗି ଲାଭରୋଭଙ୍କ ସହ ସକାରାତ୍ମକ ଆଲୋଚନା ହୋଇଛି। ରୁଷିଆ-ୟୁକ୍ରେନ ଯୁଦ୍ଧ ପରେ ଦୁଇ ବିଦେଶ ମନ୍ତ୍ରୀଙ୍କ ଏହା ଚତୁର୍ଥ ସାକ୍ଷାତ ଥିଲା। ୟୁକ୍ରେନ ଆଗାମୀ ଦିନରେ ଆଉ ଏକ ଆଫଗାନିସ୍ଥାନ ନ ହେଉ ବୋଲି ଇଙ୍ଗିତ ମାଧ୍ୟମରେ ଜୟଶଙ୍କର ସମସ୍ତଙ୍କୁ ଚେତାଇ ଦେଇଛନ୍ତି। ଦୁଇଦେଶ କୂଟନୀତି ଏବଂ ଆଲୋଚନାର ମାର୍ଗକୁ ଗ୍ରହଣ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ଭାରତ-ରୁଷିଆ ବାଣିଜ୍ୟକୁ ସମତୁଲ କରିବାକୁ ସେ ଇଚ୍ଛା ପ୍ରକାଶ କରିଛନ୍ତି।

-ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩

# ବନମାଳୀ ପଣ୍ଡାରୁ ବନମାଳୀ ବ୍ରହ୍ମଚାରୀ

------ଅଧ୍ୟାପକ ହିମାଂଶୁଶେଖର ଆଋର୍ଯ୍ୟ------

ନଭେମ୍ବର ମାସ ୧୮ ତାରିଖ। ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୧୭ତମ ଜୟନ୍ତୀ। ଏହି ମହାର୍ଘ ଦିବସରେ ସେ ଭାରି ମନେପଡୁଛନ୍ତି।



ଏକାଧାରରେ ସେ ଥିଲେ ଜଣେ ପ୍ରବୀଣ ଶିକ୍ଷାବିତ୍, ଅପ୍ରତିଦ୍ୱନ୍ଦ୍ୱୀ ସଂଗଠକ, ସୁସାହିତ୍ୟିକ, ନିଖିଳ ଉତ୍କଳର ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ତଥା ସଭାପତି ଓ ସର୍ବୋପରି ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ସଭାପତି। ଜନ୍ମ ନେଇଥିଲେ ୧୯୦୫ ମସିହା ନଭେମ୍ବର ୧୮ ତାରିଖରେ ଓ ଦେହାନ୍ତ ହୋଇଥିଲା ୧୯୮୯ ମସିହା ଜୁନ୍ ୬ ତାରିଖରେ। ହେଲେ ଦୀର୍ଘ ୮୪ ବର୍ଷର ସଂଗ୍ରାମୀ ଜୀବନ ଭିତରେ ଅନେକ ଆଲୋକଶିଖା ଏବେବି ଜାଜ୍ୱଲ୍ୟମାନ। ତାଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବା ଏହି ଆଲେଖ୍ୟର ଉଦ୍ଦେଶ୍ୟ।

ଏହି ମହାନ ସଂଗ୍ରାମୀ ଓ ଶିକ୍ଷକ ନେତା କେନ୍ଦ୍ରାପଡା ଜିଲ୍ଲା ଦୋହଳି ଗ୍ରାମରେ ଏକ ଗରିବ ବ୍ରାହ୍ମଣ ପରିବାରରେ ପିତା ଶ୍ରୀଚରଣ ପଣ୍ଡା ଓ ମାତା ଶାରୀଦେବୀଙ୍କ କୋଳମଣ୍ଡନ କରି ଜନ୍ମଗ୍ରହଣ କରିଥିଲେ। ପିଲାଦିନର ନାମ ଥିଲା ବନମାଳୀ ପଣ୍ଡା। ବିବାହର ଅଳ୍ପ ବର୍ଷ ପରେ ତାଙ୍କର ଧର୍ମପତ୍ନୀଙ୍କର ଦେହାନ୍ତ ହୋଇଥିଲା। ପରିବାର ଓ ଆତ୍ମୀୟସ୍ୱଜନଙ୍କ ଚାପ ସ□େ ସେ ଦ୍ୱିତୀୟ ବିବାହ କରି ନ ଥିଲେ ଏବଂ ଆଜୀବନ ବ୍ରହ୍ମଚାରୀର ଜୀବନ କାଟିବା ପାଇଁ ଦୃଢସଂକଳ୍ପ ନେଇଥିଲେ। ଏହି ଘଟଣା ପରେ ସେ ବନମାଳୀ ବ୍ରହ୍ମଚାରୀ ନାମରେ ସୁପରିଚିତ ହୋଇଥିଲେ। ଶିକ୍ଷକ ଭାବେ ନିଜର କର୍ମମୟ ଜୀବନ ବାଙ୍କୀ ବରପଦା ପ୍ରାଥମିକ ବିଦ୍ୟାଳୟରେ ଆରମ୍ଭ କରି ସେତେବେଳେ ଶିକ୍ଷକ ଜାତିର ଦୁରବସ୍ଥା, ପରିଚାଳନା କମିଟି-ଗୁଡିକର ଅକଥନୀୟ ନିର୍ଯାତନା ଓ ବିଭାଗୀୟ ଉଦାସୀନତାକୁ ମର୍ମେ ମର୍ମେ ଅନୁଭବ କରି କିଛିଦିନ ପରେ ଚାକିରିରୁ ଅବ୍ୟାହତି ନେଇ ଶିକ୍ଷକ ଜାତିର ସୁରକ୍ଷା ପାଇଁ ନେତୃତ୍ୱ ନେବାକୁ ଅ□। ଭିଡି ବାହାରିଥିଲେ। ସେଇ ସ୍ୱପ୍ନକୁ ସାକାର କରିବା ପାଇଁ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ସଂଗଠନ ସମ୍ପାଦକ ଦାୟିତ୍ୱ ୧୯୫୭ ମସିହାରୁ ୧୯୭୫ ମସିହା ଓ ପରେ ମୃତ୍ୟୁ ପର୍ଯ୍ୟନ୍ତ ଏହି ସଂଗଠନର ସଭାପତି ପଦରେ ରହି ସେ ନିଜର ପାରଦର୍ଶିତା ଓ ସାଂଗଠନିକ ଦକ୍ଷତାର ପ୍ରମାଣ ଦେଇଥିଲେ। କଟକର ଝାଞ୍ଜିରମଙ୍ଗଳାଠାରେ ସ୍ଥାପିତ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ତାଙ୍କ ସ୍ୱପ୍ନର ଫଳଶ୍ରୁତି ଥିଲା କହିଲେ ଭୁଲ୍ ହେବନାହିଁ। ଯାହାକୁ ଏବର ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଏହାକୁ ଏକ ନୂଆ ରୂପ ଦେବାରେ ସକ୍ଷମ ହୋଇଛନ୍ତି।

୧୯୬୦ ଓ ୧୯୭୦ ଦଶକର କଥା। ସେତେବେଳେ ବେସରକାରୀ ଶିକ୍ଷାନୁଷ୍ଠାନ ଚାକିରି ତାଳଗଛର ଛାଇ ସଦୃଶ ଥିଲା। ସକାଳେ ଥିବା ଚାକିରି ସଞ୍ଜ ବେଳକୁ ନଥିଲା। ଶିକ୍ଷକମାନଙ୍କ ପାଇଁ କୌଣସି ଚାକିରି ସ□ାବଳୀ ନଥିଲା। ଏଭଳି ପରିସ୍ଥିତିରୁ ଶିକ୍ଷକମାନଙ୍କୁ ଉଦ୍ଧାର କରିବା ପାଇଁ ବନମାଳୀ ବ୍ରହ୍ମଚାରୀ, ଅଧ୍ୟାପକ ଅବନୀ ବରାଳ ଓ କୈଳାସ ମହାପାତ୍ରଙ୍କ ଆହ୍ୱାନରେ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ, ମାଧ୍ୟମିକ ଶିକ୍ଷକ ସଂଘ, ପ୍ରାଥମିକ ଶିକ୍ଷକ ସଂଘ ଓ କଲେଜ ଶିକ୍ଷକ ସଂଘକୁ ନେଇ ୨୭.୭.୧୯୬୯ ମସିହାରେ ଖ୍ରୀଷ୍ଟ କଲେଜ ପରିସରରେ ମିଳିତ ଶିକ୍ଷକ କାର୍ଯ୍ୟାନୁଷ୍ଠାନ କମିଟି ଗଠିତ ହେଲା। ପରେ ୧୯୭୧ ମସିହା ପବିତ୍ର ଗୁରୁଦିବସ ଦିନ ଭୁବନେଶ୍ୱର ଭଞ୍ଜ କଳାମଣ୍ଡପଠାରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ଗଠନ ହେଲା। ଏହାର ସଭାପତି ଭାବେ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀ ଓ ସାଧାରଣ ସମ୍ପାଦକ ଭାବେ ଅଧ୍ୟାପକ ଅବନୀ ବରାଳ ନିର୍ବାଚିତ ହୋଇଥିଲେ। ଏମାନଙ୍କୁ ସହଯୋଗ କରିଥିଲେ ରାଜକିଶୋର ପଟ୍ଟନାୟକ, ରାଜକିଶୋର ଭୁଜବଳ, ଅନନ୍ତ କର, ଭଗବାନ ଦାସ, ଅର୍ଜୁନ ଦାଶ, ଶରତ ମହାପାତ୍ର, ଅଧ୍ୟାପକ ଭଗବାନ ଜେନା, ଅଧ୍ୟାପକ ଗୟାଧର ରାଉତ, ଗୌରହରି ଶତପଥୀ, ଗନ୍ଧର୍ବ ଚରଣ ଲେଙ୍କା (ସମସ୍ତେ ଦିବଂଗତ) ଓ ଭୋଳାନାଥ ରାଉତ, ଅଜୟ ସାମଲ, ଦୁର୍ଯ୍ୟୋଧନ ପରିଡା ଏବଂ ତାଙ୍କ ପଛକୁ ବିବେକାନନ୍ଦ ଦାଶ, କିଶୋର ପଣ୍ଡା, ପୀତବାସ ବେହୁରିଆ, ରଘୁନାଥ ସାହୁ, ଶଙ୍କର୍ଷଣ ସ୍ୱାଇଁ, ଦାଶରଥି ନାୟକ, ସାରଦାପ୍ରସନ୍ନ ମହାପାତ୍ର, ବିଜୟ ବିଶ୍ୱାଳ, ନିକୁଞ୍ଜକିଶୋର ମହାନ୍ତି, ସାରଦା ପ୍ରସନ୍ନ ସିଂହ, ଈଶ୍ୱର ଚନ୍ଦ୍ର ନନ୍ଦ, କୈଳାସ ଦାସ, ନାରାୟଣ ନାୟକ, ଅକ୍ଷୟ ଦାସ, ପ୍ରଫୁଲ୍ଲ ମହାପାତ୍ର, ମହେଶ ଚୌଧୁରୀ ଓ ଆହୁରି ଅନେକ। ଏମାନଙ୍କ ସାହାଯ୍ୟ ଓ ସହଯୋଗରେ ଶିକ୍ଷକ ମହାସଂଘ କେବଳ ରାଜ୍ୟରେ ନୁହେଁ ସାରା ଦେଶରେ ଏକ ସଂଗ୍ରାମୀ ଜୀବନ୍ତ ଗଣଅନୁଷ୍ଠାନରେ ପରିଣତ ହୋଇଥିଲା।



ଓଡିଶାର ଶିକ୍ଷକ ସମାଜ ଦୁଃଖରେ ନ ରୁହନ୍ତୁ, ସେମାନଙ୍କ ସମସ୍ୟାର ସମାଧାନ ହେଉ, ସେଥିପାଇଁ ସ୍ୱର୍ଗତଃ ବନମାଳୀ ସର୍ବଦା ଚେଷ୍ଟିତ ଥିଲେ। ଏଥିପାଇଁ ଶିକ୍ଷକ ମହାସଂଘର ଡାକରାରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଉତ୍କଳ ସଂଘର ଯୋଗଦାନ ସବୁବେଳେ ଆଗରେ ଥିଲା। ଏହାପଛରେ ଥିଲା ବନମାଳୀ ବ୍ରହ୍ମଚାରୀଙ୍କ ଅଦମ୍ୟ ସାହସ ଓ ସକାରାତ୍ମକ ଦୂରଦୃଷ୍ଟିର ପ୍ରଭାବ। ୧୯୬୯, ୧୯୭୪, ୧୯୮୪, ୧୯୮୯ ମସିହାର ଆନ୍ଦୋଳନ ତା'ର ଗୋଟିଏ ଗୋଟିଏ ଉଦାହରଣ। ଏହିସବୁ ଆନ୍ଦୋଳନର ଫଳସ୍ୱରୂପ ଶିକ୍ଷକ ସମାଜ ପାଇଥିବା ସୁବିଧା ସୁଯୋଗ ତାଲିକା ବେଶ୍ ଦୀର୍ଘ। ଏହା ଭିତରେ ରହିଛି ପ୍ରଥମ ଶିକ୍ଷା ଆଇନ, ଚାକିରି ଭ□, ଚାକିରି ନିରାପ□ା, ଅବସରକାଳୀନ ସୁବିଧା ଓ ୟୁଜିସି ବେତନ ସଂଶୋଧନ। ଏସବୁ ଭିତରେ ୧୯୭୪ ମସିହାରେ ଶିକ୍ଷକ ସମାଜକୁ ପ୍ରତ୍ୟକ୍ଷ ଅନୁଦାନ ଦେବା ହେଉଛି ଶିକ୍ଷକ ମହାସଂଘର ସର୍ବଶ୍ରେଷ୍ଠ ଅବଦାନ। ଏଥିରେ ଶିକ୍ଷକଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଅବଦାନ କୌଣସି ଗୁଣରେ କମ୍ ନ ଥିଲା।

ସଂଗ୍ରାମୀ ଜୀବନ ଭିତରେ ସେ ମଧ୍ୟ ସମାଜସେବାକୁ ସମାନ ଗୁରୁତ୍ୱ ଦେଉଥିଲେ। ଦାନପୁର ପ□ାୟତର ସରପ□ ଭାବେ ପ୍ରାୟ ୨୦ ବର୍ଷ କାର୍ଯ୍ୟ କରି ଅନେକ ଜନକଲ୍ୟାଣ କାର୍ଯ୍ୟକ୍ରମ ହାତକୁ ନେଇ ଜନସାଧାରଣଙ୍କର ପ୍ରଶଂସାଭାଜନ ହେବା ସହ ନିଜର ମୁରବୀପଣିଆ ଜାହିର କରିବାରେ ସଫଳ ହୋଇପାରିଥିଲେ। ଏପରିକି ୧୯୪୨ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ ଜଣେ ସଚ୍ଚା ଦେଶପ୍ରେମୀ ଭାବେ ନିଜକୁ ପ୍ରତିଷ୍ଠା କରାଇ ନିଜର ତ୍ୟାଗ ଓ ତିତିକ୍ଷା ପ୍ରଦର୍ଶନ କରିଥିଲେ। ଏସବୁ ଭିତରେ ଜଡିତ ରହି ମଧ୍ୟ ସେ ସାହିତ୍ୟ ସାଧନାରୁ ଦୂରେଇ ଯାଇ ନ ଥିଲେ। ଶିଶୁ ସାହିତ୍ୟ କ୍ଷେତ୍ରରେ ବିଭିନ୍ନ ବିଭାଗରେ ଲେଖନୀ-ଚାଳନା କରି ସେ ନିଜପାଇଁ ଏକ ଭିନ୍ନ ପରିଚୟ ସୃଷ୍ଟି କରିଯାଇଛନ୍ତି। 'ହୁକେ ହୋ' ପୁସ୍ତକ ପାଇଁ ସେ ରାଷ୍ଟ୍ରପତି ପୁରସ୍କାର ଓ 'ବନର ମନକଥା' ପାଇଁ ରାଜ୍ୟ ପୁରସ୍କାର ପାଇବା ତାଙ୍କ ସୃଜନଶୀଳତାର ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥିସହିତ ନିଜର ଅଙ୍ଗେ ନିଭେଇଥିବା ଘଟଣା ସମୂହକୁ ନେଇ ନିଜର ଆତ୍ମଜୀବନୀ ଜଣେ ଶିକ୍ଷକର ନିଜକଥା ୧୯୭୩ ମସିହାରେ ପ୍ରକାଶ କରିଥିଲେ। ଯାହାର ତୃତୀୟ ସଂସ୍କରଣ ମଧ୍ୟ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ସେହିପରି ସାମଗ୍ରିକ ଭାବେ ଶିକ୍ଷକ ଜାତି ଓ ସମାଜ ପାଇଁ ତାଙ୍କର କଲ୍ୟାଣକାରୀ କାର୍ଯ୍ୟକୁ ଗୁରୁତ୍ୱ ଦେଇ ୧୯୭୮ ମସିହା ନଭେମ୍ବର ମାସ ୧୮ ତାରିଖ ତାଙ୍କ ଜନ୍ମଦିନ ଅବସରରେ 'ନୀଳଶୈଳ' ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ହରେକୃଷ୍ଣ ମହତାବଙ୍କ ଦ୍ୱାରା ତାଙ୍କୁ 'ଶିକ୍ଷକ ଗୌରବ' ଉପାଧିରେ ଭୂଷିତ କରାଯାଇଥିଲା।

ଅଖ୍ୟାତ ପଲ୍ଲୀର ବନମାଳୀ ପଣ୍ଡାରୁ ବନମାଳୀ ବ୍ରହ୍ମଚାରୀ ହେବା ଓ ପରେ 'ଶିକ୍ଷକ ଗୌରବ' ସମ୍ମାନରେ ସମ୍ମାନିତ ହେବା ତାଙ୍କର ମହନୀୟତାର ଏକ ଜ୍ୱଳନ୍ତ ନିଦର୍ଶନ। ତାଙ୍କରି ଆଦର୍ଶ ପ୍ରତି ଶିକ୍ଷକ ସମାଜ ଅନୁପ୍ରାଣିତ ହେଲେ ଓ ତାଙ୍କର ସ୍ମୃତିକୁ ନିଜ ଅନ୍ତରରେ ଉଜ୍ଜୀବିତ କରି ରଖିପାରିଲେ ତାହାହିଁ ହେବ ସ୍ୱର୍ଗତଃ ବନମାଳୀ ବ୍ରହ୍ମଚାରୀଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି। ତାଙ୍କ ସ୍ଥୂଳ ଶରୀର ଆମ ପାଖରେ ନଥିଲେ ବି ସୂକ୍ଷ୍ମ ଶରୀରରେ ସେ ଶିକ୍ଷକ ସମାଜ ପାଇଁ ସଦା ବିଦ୍ୟମାନ ହୋଇ ରହିଛନ୍ତି। ଏ ବିଶ୍ୱାସ ଶିକ୍ଷକ ସମାଜର ରହିବା ଉଚିତ।

-ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨




# ବାୟୋଫ୍ଲକ ଖାଦ୍ୟ ଜରିଆରେ ସାମୁଦ୍ରିକ ଚିଙ୍ଗୁଡ଼ିର ପୋଷଣ ସନ୍ତୁଳନ

ପ୍ରାଣୀମାନଙ୍କ ଦ୍ୱାରା ଗ୍ରହଣ କରାଯାଉଥିବା ନାଇଟ୍ରୋଜେନ ମୁଖ୍ୟତଃ ଅମିନୋ ଏସିଡ୍ ଦ୍ୱାରା ଗଠିତ ହୋଇଥାଏ ଯାହାକି ପ୍ରୋଟିନ୍ ଓ ବାୟୋମାସରସନ୍ତୁଳନରେ ସାହାଯ୍ୟ କରେ । ବୈଜ୍ଞାନିକ କାରଣ ଦର୍ଶାଇଛନ୍ତି ଯେ ବାୟୋଫ୍ଲକ ମୁଖ୍ୟତଃ ପ୍ରୋଟିନ୍, କାର୍ବୋହାଇଡ୍ରାଟେ ଏବଂ ଜୀବାଣ୍ମୁରେ ଗଠିତ ହୋଇଥାଏ ଯାହାକି ଜଳଗୀବ ମାନଙ୍କର ଏକ ପ୍ରମୁଖ ଖାଦ୍ୟ । । ୟୋଫ୍ଲୋକରେ ମୁଖ୍ୟତଃ ଫ୍ୟାଟି ଏସିଡ୍ ଥାଏ ଯାହାକି ଚିଙ୍ଗୁଡ଼ି ମାନଙ୍କର ପୋଷକତ୍ତ୍ୱ ଗ୍ରହଣରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିଙ୍ଗୁଡ଼ିମାନଙ୍କର ଅନ୍ତର୍ଦେଶୀୟ ବିଭାଜନରେ ବାୟୋଫ୍ଲୋକ ପ୍ରଯୁକ୍ତି ବିଦ୍ୟା ମୁଖ୍ୟତଃ ନାଇଟ୍ରୋଜେନ ଓ ଫସଫରସ୍ ଯଥାକ୍ରମେ ୭୦ ଓ ୬୬ ଶତକଡ଼ା ବଢ଼ାଇ ଥାଏ । ଏ ଡି ସିର ପରିମାଣ କମିବା ସହିତ ପୋଷକତ୍ତ୍ୱ ମାନଙ୍କର ଆବଶ୍ୟକତା ମଧ୍ୟ କମିଥାଏ । ଏହା ପ୍ରଥମେ ବୈଜ୍ଞାନିକ ମାନଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା । ଏଥିସହିତ ବାୟୋଫ୍ଲୋକ କାର୍ବନ ଓ ନାଇଟ୍ରୋଜେନର ସନ୍ତୁଳିତ ଆଧାରକୁ ପ୍ରାଧାନ୍ୟ ଦେଇଥାଏ । ବାୟୋଫ୍ଲୋକ ମୁଖ୍ୟତଃ ବିଭିନ୍ନ ଅମିନୋଆସିଡ୍ ଯେପରିକି ମ୍ୟୁରାମିକ ଏସିଡ୍ ଫାଇଟୋଷ୍ଟେରୋଲ ଆଦି ଧାରଣ କରିଥାଏ । ଏହି ସକ୍ରିୟ ଉପାଦାନ ଗୁଡ଼ିକ ଜଳଜୀବ ମାନଙ୍କର ବୃଦ୍ଧି ଘଟାଇଥାଏ । ଏଥି ସହିତ ଏହା ମଧ୍ୟ ସାମୁଦ୍ରିକ ଚିଙ୍ଗୁଡ଼ି ମାନଙ୍କର ଉତ୍ତମ ଗୁଣବତା ରକ୍ଷା କରେ । ଏହି ଉପାଦାନ ଗୁଡ଼ିକ ଉତ୍ତମ ପ୍ରକ୍ରିୟାରେ ସାହାଯ୍ୟ କରୁଥିବା ଏାଇମ୍ ଗୁଡ଼ିକୁ ସକ୍ରିୟ କରିବା ସହିତ କୋଷଗୁଡ଼ିକୁ ଜୀବାଣୁ ଆକ୍ରମଣରୁ ରକ୍ଷା କରିଥାଏ । ଏବର ସମୟରେ ସାମୁଦ୍ରିକ



ଚିଙ୍ଗୁଡ଼ି ମାନଙ୍କର ଉତ୍ପାଦନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯାହା କେବଳ ବୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦ୍ୱାରା ସମ୍ଭବ ହୋଇପାରିଛି ଏବଂ ସେ ଏହା ଦର୍ଶାଇଥିଲେ ଯେ ବାୟୋଫ୍ଲୋକ ୭୫ ରୁ ୮୦ ଶତକଡ଼ା ପ୍ରୋଟିନ୍ ଏବଂ ପୋଷାକତ୍ତ୍ୱ ଧାରଣ କରିଥାଏ । ଜଳଜୀବମାନଙ୍କ ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ମୁଖ୍ୟତଃ ଅମିନୋଆସିଡ୍‌ର ପରିମାଣ ଉପରେ ନିର୍ଭର କରିଥାଏ । ଏହି ବାୟୋଫ୍ଲୋକ ପ୍ରଯୁକ୍ତିବିଦ୍ୟା ଦେଖାଏ ଯେ ଜଳଜୀବ ବିଜ୍ଞାନ ଉତ୍ପାଦନ ବୃଦ୍ଧିହେବା ସହିତ ପରିବେଶ ଉପରେ ପଡୁଥିବା ଅନାବଶ୍ୟକ ବ୍ୟବସ୍ଥାର ହ୍ରାସ ଘଟେ । ବୟୋଫ୍ଲୋକରେ ଥିବା ପୋଷକତ୍ତ୍ୱ ମୁଖ୍ୟତଃ ଚିଙ୍ଗୁଡ଼ିମାନଙ୍କର ପ୍ରଧାନ ଖାଦ୍ୟ ଭାବେ ବ୍ୟବହୃତ ହୁଏ । ଏକ ପୋଷକତ୍ତ୍ୱ ସର୍ଭେରୁ ଜଣାପଡ଼ିଛି ଯେ ବାୟୋଫ୍ଲୋକରେ ୧୨୦ ଗ୍ରାମ/କେଜି ପ୍ରୋଟିନ୍ ଏବଂ ଫ୍ୟାଟିଆସିଡ୍ ୨୦ ଗ୍ରାମ/କେଜି ଥାଏ । ବୟୋଫ୍ଲୋକ ମୁଖ୍ୟତଃ ୨୯.୧% ନାଇଟ୍ରୋଜେନ ୩୯.୨% ଜୀବାଣ୍ମୁ ଏବଂ ୮.୩% ଫାଇବର, ୪.୭% ଫାଟିଆସିଡ୍ ଧାରଣ କରିଥାଏ । ଜୀବାଣ୍ମୁର ପରିମାଣ ଯେତେ ବୃଦ୍ଧି ପାଇଥାଏ ସାମୁଦ୍ରିକ ଚିଙ୍ଗୁଡ଼ିମାନଙ୍କର ବୃଦ୍ଧି ସେତେ ହୋଇଥାଏ । ୨୦ଟି ଆମିନୋଆସିଡ୍ ମଧ୍ୟରୁ ବାୟୋଫ୍ଲୋକ ମୁଖ୍ୟତଃ ୪ଟି ଫ୍ୟାଟିଆସିଡ୍‌କୁ ଗ୍ରହଣ କରିଥାଏ । ସେଗୁଡ଼ିକ ହେଉଛି ପଲମିଟିକ୍ ଏସିଡ୍, ଲିନୋଲେଇକ ଏସିଡ୍, ଓରେଇକ ଏସିଡ୍ ।

ମତ୍ସ୍ୟବିଜ୍ଞାନ,
ଏମ.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୭୯୭୮୧୯୬୮୩୪



ବିଜ୍ଞାନ ମିହିର ରାଉତ

ସାଧାରଣତଃ ସାମୁଦ୍ରିକ ଚିଙ୍ଗୁଡ଼ିର ବୃଦ୍ଧି ନିମନ୍ତେ ଅଧିକାଂଶ ଗବେଷଣା ଘରୋଇ ପଦ୍ଧତି ଜନ୍ମିତ ଅଂଶୁଜୀବାଣୁ ବ୍ୟବହାର କରି ହୋଇଥାଏ । ଯାହାହେଉ ଏଇ ଘରୋଇ ପର୍ଯ୍ୟବେଶିତ ପ୍ରଣାଳୀ ଅଣୁଜୀବାଣୁ ଏବଂ ଶୈବାଳ ମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ପାଇଁ ଅତିରିକ୍ତ ଅମ୍ଳଜାନ ଦରକାର ହୋଇଥାଏ । ଏତଦବ୍ୟତୀତ ସାମୁଦ୍ରିକ ଚିଙ୍ଗୁଡ଼ି ମଧ୍ୟ ଅଣୁଜୀବାଣୁ ଶୈବାଳ ମାନଙ୍କ ସହ ଆବଶ୍ୟକୀୟ ଅମ୍ଳଜାନ ଦରକାର । ଏଇ ପଦ୍ଧତି ସାଧାରଣତ ଉପାୟରେ ହେଉଥିବା ସାମୁଦ୍ରିକ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଅପେକ୍ଷା ଅଧିକ ଅମ୍ଳଜାନ ଆବଶ୍ୟକ କରିଥାଏ। ଯାହା ଫଳରେ ଏହା ଅମ୍ଳଜାନ ଦ୍ରବିଭୂତ ପ୍ରଣାଳୀର ଖର୍ଚ୍ଚକୁ ଦୂରୀଭୂତ କରିଥାଏ । ଏହାପରେ ମଧ୍ୟ ବୟୋଫ୍ଲୋକ ପ୍ରଣାଳୀରେ ଉପଯୁକ୍ତ ଖାଦ୍ୟ ଉପଯୋଗ ଚାଷ ହେଉଥିବା ଜଳଗୀବମାନଙ୍କର ଚାରି ଖାଇବା ନୀତି ଉପରେ ନିର୍ଭରଶୀଳ ଥାଏ । ବର୍ତ୍ତମାନ ଯୁଗରେ ବୈଜ୍ଞାନିକ ମାନେ ବାୟୋଫ୍ଲୋକ କୌଶଳକୁ ଜଳଜୀବ ମାନଙ୍କର ପୋଷଣ ତତ୍ତ୍ୱରେ ଖାଦ୍ୟ ଶୃଙ୍ଖଳ ଭାବରେ ବ୍ୟବହାର କରୁଛନ୍ତି । ବର୍ତ୍ତମାନ ଦେଖାଯାଉଛି ଯେ ସାମୁଦ୍ରିକ ଚିଙ୍ଗୁଡ଼ି ଚାଷରେ ବ୍ୟବହୃତ ଖାଦ୍ୟରେ ଫିସ୍ ମିଲ ଏକ ମୁଖ୍ୟ ଉପାଦେୟର ଭୂମିକା ନେଉଛି । ଯେଉଁଥିପାଇଁ ବ୍ୟବହୃତ ମାଛ ଖାଦ୍ୟର ବଜାର ମୂଲ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏଣୁ ଉପଯୁକ୍ତ ପ୍ରୋଟିନ୍ ପରିମାଣକୁ ବଢ଼ାଇ ରଖି ଏକ ବିକଳ୍ପ ପ୍ରୋଟିନ୍‌ର ଉତ୍ସ ଖୋଜି ପାଇବ । ଜଳଜୀବ ପାଳନ ଶିଳ୍ପ ଆଜି ଏକ ଚର୍ଚ୍ଚାର ମୁଖ୍ୟ କେନ୍ଦ୍ରବିନ୍ଦୁ । ଗବେଷଣାରୁ ଜଣା ପଡ଼ିଛି ସୋୟାବିନ୍ ଜାତୀୟ ପଦାର୍ଥ ଫିସ୍ ମିଲକୁ ପୁନଃ ସ୍ଥାପନ କରେ ଯାହାକି ପ୍ରୋଟିନ୍ ଓ ଖଣିଜ ଲବଣରେ ଭରପୁର ଅଟେ ଏବଂ ଚିଙ୍ଗୁଡ଼ି ମାନଙ୍କର ଏକ ପ୍ରମୁଖ ଖାଦ୍ୟ ଅଟେ ।



## ହାଇଡ୍ରୋପନିକ୍ସ : ଅମଳ ଓ ଆତ୍ମନିର୍ଭରଶୀଳର ନୂଆ ସୋପାନ



ଆଜିକାଲିର ଯୁବଗୋଷ୍ଠୀ ଚାଷ କାର୍ଯ୍ୟ ପାଇଁ ବିମୁଖ । କିନ୍ତୁ ଯଦି କମ ସମୟରେ ଅଧିକ ଅମଳ କରିହେବାର କିଛି ଉପାୟ ଆସେ , ତେବେ ସେଥିପାଇଁ ସମସ୍ତେ ବ୍ୟଗ୍ର ହୋଇଉଠନ୍ତି । ଠିକ୍ ସେମିତି କୃଷି କ୍ଷେତ୍ରରେ ଏକ ଅଭିନବ ଉପାୟ ହାଇନ୍ରୋଫନିକ୍ସ । ବିନା ମାଟିରେ ଫସଲ ଉତ୍ପାଦନ କରିବାର ଏକ ନିଆରା ଉପାୟ । ପୋଷକତତ୍ତ୍ୱକୁ ସିଧାସଳଖ ଗଛରେ ପ୍ରୟୋଗ କରାଯାଏ । ଯାହା ଫଳରେ ଚେର ଆବଶ୍ୟକୀୟ ପୋଷକତତ୍ତ୍ୱକୁ ଗ୍ରହଣ କରିପାରେ । ଅଧିକାଂଶ ସ୍ଥାନରେ ଏହାକୁ ଯୁବବର୍ଗ ବି ଆପଣେଇଲେଣି । ସେଂଚୁରିଆନ କୃଷି ବିଶ୍ୱବିଦ୍ୟାଳୟ ପାରଳାଖେମୁଣ୍ଡିରେ ଆରମ୍ଭ ହୋଇଛି ଏହି ହାଇଡ୍ରୋଫନିକ୍ସ ଫାର୍ମ । ପାଳଙ୍ଗ , ଟମାଟୋ, ବନ୍ଧାକୋବି ପରି ପରିବା ଉତ୍ପାଦନ କରି ଏହା ଏବେ ବେଶ ଚର୍ଚ୍ଚାରେ ।



### ଚିନାବାଦାମ ଫସଲରେ ଗଳାପଚା ରୋଗ ବ୍ୟାପୁଥିଲେ ସମାଧାନ :

ବିହନ ଜମିରେ ବୁଣିବା ପୂର୍ବରୁ ବିହନକୁ କବକ ନାଶକ ୩ ଗ୍ରାମ ଥିରାମ କିମ୍ବା ୧.୫ ଗ୍ରାମ କାରବେଣ୍ଡଜୀମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।

* ଜମିରେ ୧.୫ ଗ୍ରାମ କାରବେଣ୍ଡାଜୀମ କିମ୍ବା ୩.୫ ଗ୍ରାମ ମାନକୋଜଏ ପ୍ରତି ଲିଟର ପାଣିରେ ମିଶାଇ 'ସଲର ମୂଳ ଅଂଶରେ ଓ ମୂଳ ପାଖରେ ଥିବା ମାଟିରେ ସିଞ୍ଚନ କରନ୍ତୁ ।
* ଗଛ ଚାରା ଅବସ୍ଥାରେ ଥିବା ସମୟରେ ଜଳସେଚନ ନିୟନ୍ତ୍ରଣ କରନ୍ତୁ ।

### ଧାନରେ ମହିସା ରୋଗ ବ୍ୟାପୁଥିଲେ ସମାଧାନ

ଧାନ ବିହନକୁ ପ୍ରଥମେ ଥିରାମରେ ବୁଡ଼େଇ ରଖାଯିବା ଦରକାର ।
- ଅଧିକ ଯବକ୍ଷାରଜାନ ସାର ପ୍ରୟୋଗ କରିବା ବନ୍ଦ କରିବା ।
-ଏହି ରୋଗ ପ୍ରତିରୋଧ କ୍ଷମ କିସମ ବ୍ୟବହାର କରିବା ।
- କିଆରୀରେ ଥିବା ଅନାବନା ଘାସକୁ ଉପାଡ଼ିଦେବା ଆବଶ୍ୟକ ।

### ପଂଚଗବ୍ୟର ପ୍ରସ୍ତୁତି :

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ : ୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ । ଜର୍ସି ଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

## ଡାଲିଜାତୀୟ ଫସଲର ମୁଖ୍ୟ ରୋଗ ଓ ତାର ପ୍ରତିକାର

ଅଭିନନ୍ଦିତା ସାହୁ

ଓଡ଼ିଶାର ଚାଷ କରାଯାଉଥିବା ମୁଖ୍ୟ ଡାଲି ଜାତୀୟ ଫସଲ ମାନଙ୍କ ମଧ୍ୟରେ ହରଡ଼, ମୁଗ, ବିରି, ବୁଟ, ମଟର, କୋଳଥ, ମସୁର ଅନ୍ୟତମ ।

ଡାଲି ଜାତୀୟ ଫସଲରେ ହେଉଥିବା ମୁଖ୍ୟ ରୋଗ ମାନଙ୍କ ମଧ୍ୟରେ ଝାଉଁଳା ରୋଗ, ପାଉଁଶିଆ ରୋଗ, କଳଙ୍କି ରୋଗ, ସାହେବୀ ରୋଗ ଆଦି ଅନ୍ୟତମ ।

**ଝାଉଁଳା ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ହରଡ଼ ଓ ବୁଟ ଫସଲର ମୁଖ୍ୟ ରୋଗ ଅଟେ । ଏହି ରୋଗର ପ୍ରଥମ ଅବସ୍ଥାରେ ଗଛରୁ ପତ୍ର ଗୁଡ଼ିକ ହଳଦିଆ ପଡ଼ିବା ଆରମ୍ଭ କରେ ଏବଂ ଶେଷରେ ସମ୍ପୂର୍ଣ୍ଣ ଝାଉଁଳି ପଡ଼ି ମରିଯାଏ । ଆକ୍ରାନ୍ତ ଗଛର କାଣ୍ଡକୁ କାଟି ଦେଖିଲେ କାଣ୍ଡର ଭିତର ଅଂଶରେ କଳା ଗାର ଗାର ଦାଗ ଦେଖାଯାଏ ।

ପ୍ରତିକାର :

- ହରଡ଼ ଫସଲର ଝାଉଁଳା ରୋଗରୁ ରକ୍ଷା ପାଇବା ପାଇଁ ସୋରଗମ୍ ସହ ମିଶ୍ରିତ ଚାଷ କରନ୍ତୁ ।
- ଖରାଟିଆ ଗଭୀର ଚାଷ କରନ୍ତୁ ।
- ରୋଗ ପୋକ ନିରୋଧକ ଓ ସହନଶୀଳ ବିହନ କର୍ବାଚନ କରନ୍ତୁ ।
- ବିହନ ବୁଣିବା ପୂର୍ବରୁ ବିହନକୁ କୀଟନାଶକ କାର୍ବେଣ୍ଡାଜିମ୍ କିମ୍ବା ଥିରାମ ୩ ଗ୍ରାମ ପ୍ରତି ଏକ କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ । କିମ୍ବା ଜୈବ ବିଶୋଧକ ଟ୍ରାଇକୋଡ଼ର୍ମା ୪ ଗ୍ରାମ ପ୍ରତି କେ.ଜି ବିହନ ହିସାବରେ ମିଶାଇ ବିଶୋଧନ କରନ୍ତୁ ।
- ଜମିରେ ରୋଗ ଦମନ ନିମନ୍ତେ ଏକର ପ୍ରତି ୩୦୦ ଗ୍ରାମ କାର୍ବେଣ୍ଡାଜିମ ୨୦୦ ଲିଟର ପାଣିରେ ମିଶାଇ ଗଛ ମୂଳରେ ସିଂଚନ କରନ୍ତୁ ।



**ପାଉଁଶିଆ ରୋଗ :**

ଏହା ଏକ କବକ ଜନିତ ରୋଗ । ଏହା ମୁଗ ଓ ବିରି ଫସଲର ଏକ ମୁଖ୍ୟ ରୋଗ । ଏହି ରୋଗର ପତ୍ର ଉପରେ ଧଳା ପାଉଁଶ ରଙ୍ଗର କବକ ମାଡ଼ିଯାଏ । ଫଳରେ ପତ୍ର ଶୁଖିଯାଏ ।



**ପ୍ରତିକାର :**

- ସହନଶୀଳ ବିହନ ବ୍ୟବହାର କରନ୍ତୁ ।
- ଏକ ଏକର ପ୍ରତି ୧ କିଗ୍ରା ସଲଫର କିମ୍ବା ୩୦୦ ଗ୍ରମେ କାର୍ବେଣ୍ଡାଜିମ୍ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ସହପ୍ରାଧ୍ୟାପିକା, ଏମ୍.ଏସ୍ ସ୍ୱାମୀନାଥନ କୃଷି ବିଶ୍ୱବିଦ୍ୟାଳୟ, ପାରଳାଖେମୁଣ୍ଡି
ମୋ-୭୮୯୪୯୧୧୮୩୦




## ପାଟପୁର ବଳଦେବଜୀଉ ମନ୍ଦିରରୁ ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତି ଚୋରି



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଂଚାୟତର ବଳଦେବଜୀଉ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ। ବିଳମ୍ବିତ ରାତିରେ ମନ୍ଦିରର ଗେଟ ତାଲା ଭାଙ୍ଗି ଏକାଥରକେ ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତିକୁ ଦୁର୍ବୃର୍ତ୍ତମାନେ ଲୁଟିନେଇଛନ୍ତି। ସକାଳୁ ମନ୍ଦିରର ପୂଜକ ଧିରେନ୍ଦ୍ର କୁମାର ଶତପଥୀ ମନ୍ଦିର ଗେଟ୍ ଚାବି ଭଙ୍ଗା ଯାଇଥିବା ଦେଖି ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ତେବେ ଠାକୁରଙ୍କ ଆସ୍ଥାନରେ ଥିବା ଅଷ୍ଟଧାତୁ ମୂର୍ତ୍ତି ସେଠାରୁ ଗାଏବ ହୋଇଯାଇଥିବା ସେ ଦେଖିଥିଲେ। ମନ୍ଦିରରେ ପୂଜା ପାଉଥିବା ରାମକୃଷ୍ଣ, ମଦନମୋହନ, ଦେବୀ ରାଧା, ଲକ୍ଷ୍ମୀ, ସରସ୍ୱତୀ ଆଦି ୬ଟି ବିରଳ ଅଷ୍ଟଧାତୁ ମୂର୍ତ୍ତିକୁ କେହି ଦୁର୍ବୃତ୍ତ ଲୁଟି ନେଇଛନ୍ତି। ସଙ୍ଗେ ସଙ୍ଗେ ପୂଜକ ମନ୍ଦିର ଟ୍ରଷ୍ଟ ବୋର୍ଡର କର୍ମକର୍ତାଙ୍କୁ ମନ୍ଦିରରୁ ଚୋରି ହୋଇଥିବା ନେଇ ଖବର ଦେଇଥିଲେ। ଖବର ପାଇ ମନ୍ଦିର ପରିଚାଳନା କମିଟି କର୍ମକର୍ତା ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଂଚିଥିଲେ। ଏନେଇ ଧର୍ମଶାଳା ପୁଲିସକୁ ଖବର ଦିଆଯିବା ପରେ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ସଦଳବଳେ ଘଟଣାସ୍ଥଳରେ ପହଂଚି ସାଇନ୍‌ଟିଫିକ ଟିମ ସହାୟତାରେ ତଦନ୍ତ କରିଛନ୍ତି। ଚୋରି ହୋଇଥିବା ମୂର୍ତ୍ତି ଶହ ଶହ ବର୍ଷର ହୋଇଥିବା ବେଳେ ଏହା ବହୁ ମୂଲ୍ୟବାନ ବୋଲି ଜଣାଯାଇଛି। ତେବେ ୫ ଶହ ବର୍ଷର ଏହି ପୁରୁଣା ମନ୍ଦିରରୁ ଏଭଳି ଚୋରି ପ୍ରଥମ ବୋଲି ମନ୍ଦିର ପରିଚାଳନା କମିଟିର ସଦସ୍ୟ ବିନୋଦ ଦାଶ କହିଛନ୍ତି। ଏନେଇ ଧର୍ମଶାଳା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରିରଖିଛି।

## ଶୁଭ ସକାଳର ବାର୍ଷିକ ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ସିଭିକ୍ ସେଣ୍ଟରରେ ଶୁଭ ସକାଳ ଶିଶୁ ସାହିତ୍ୟ ପତ୍ରିକାର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିଶୁ ସାହିତ୍ୟିକ ଦାଶ ବେନହୁର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟ ସମସ୍ତଙ୍କୁ ଛୁଏଁ। ସାହିତ୍ୟର ଆରମ୍ଭ ହୋଇଛି ପ୍ରକୃତିରୁ। ଶିଶୁ ସାହିତ୍ୟ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ସାମଗ୍ରିକ ସାହିତ୍ୟର ରୁପରେଖକୁ ବୁଝାଏ ନାହିଁ। ସେମାନଙ୍କର ଭାଷା ଓ ଭାବ ଭିନ୍ନ ଭିନ୍ନ ବୋଲି ସେ କହିଥିଲେ। ଅନୁଷ୍ଠାନର ସଭାପତି ଡ. ରାଜକିଶୋର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିଶୁ ସାହିତ୍ୟିକ ଡ. ରବୀନ୍ଦ୍ରନାଥ ମାଝି ମୁଖ୍ୟବକ୍ତା ଓ ପ୍ରାଧ୍ୟାପକ ସନ୍ତୋଷ କୁମାର ସେଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିଶୁମାନଙ୍କର ବୌଦ୍ଧିକ ବିକାଶ ଓ ଆନନ୍ଦ ଦେବାପାଇଁ ଶିଶୁ ସାହିତ୍ୟର ସୃଷ୍ଟି ବୋଲି କହିଥିଲେ। ଅନୁଷ୍ଠାନର ଉପସଭାପତି ମିନତୀ ସାହୁଙ୍କ ତତ୍ତ୍ୱାବଧାନରେ ପରିଚାଳିତ ସଭାରେ କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ, ସମ୍ପାଦକ ବ୍ରଜବନ୍ଧୁ ଶତପଥୀ ବାର୍ଷିକ ବିବରଣୀ ପାଠ, କବି ପଦ୍ମଜା ଶରଣ ବେଦପାଠ, ସାଇକୃପା ତ୍ରିପାଠୀ ଓ ରତ୍ନପୂର୍ଣ୍ଣା ତ୍ରିପାଠୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ଶୁଭସକାଳ ପତ୍ରିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିଶୁ ସାହିତ୍ୟିକ ଶ୍ରୀ ବେନହୁର, ଡ. ମାଝି, ଡ. ନିହାର ରଂଜନ କର ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଦିକନ୍ଦ ସ୍ୱାଇଁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। କବି ସବିତା ମିଶ୍ର, ମାଧୁରୀ ଶତପଥୀ, ଗଣେଶ୍ୱର ବେହେରା ଓ ପ୍ରେମଲତା ମହାରଣା ମାନପତ୍ର ପାଠ କରିଥିଲେ। ଶିଶୁ ସାହିତ୍ୟିକ ଡ. ବସନ୍ତ କିଶୋର ସାହୁ, ରମାକାନ୍ତ ଜେନା ଓ ପ୍ରକାଶ ମଙ୍ଗରାଜ ଯୋଗ ଦେଇଥିଲେ। ସାହିତ୍ୟିକ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜମିରେ ଟଳି ପଡ଼ିଲେ ଯୁବଚାଷୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ଇମାମ୍‌ନଗର ଗ୍ରାମର ଚାଷୀ ବିଭୀଷଣ ପାଳ (୪୦)ଙ୍କର ମସ୍ତିଷ୍କାଘାତରେ ମୃତ୍ୟୁ ହୋଇଛି। ମଧ୍ୟାହ୍ନରେ ସେ ଗାଁ ନିକଟ ପରିବା ଜମିକୁ କାମ କରିବା ପାଇଁ ଯାଇଥିଲେ। ହଠାତ୍ ସେ ଅସୁସ୍ଥତା ଅନୁଭବ କରିବା ସହିତ ତଳେ ପଡ଼ିଯାଇଥିଲେ। ତୁରନ୍ତ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ବିଭୀଷଣଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ଗାଁରେ ପହଂଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସଂପନ୍ନ ହୋଇଥିଲା। ପୁଅ ଶୁଭ୍ରଜିତ୍ ମୁଖାଗ୍ନି ଦେଇଥିଲେ।

## ସମବାୟ ଆନ୍ଦୋଳନରେ କାଶୀନାଥ ସାମଲଙ୍କ ଅବଦାନ ଅତୁଳନୀୟ



ଧର୍ମଶାଳା (ପିଏନ୍): କୃଷକଙ୍କୁ ମହାଜନ କବଳରୁ ରକ୍ଷା କରିବାକୁ ଓଡ଼ିଶାରେ ଆରମ୍ଭ ହୋଇଥିବା ସମବାୟ ଆନ୍ଦୋଳନରେ ଯେଉଁ କେତେ ଜଣ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ସେମାନଙ୍କ ମଧ୍ୟରେ କାଶୀନାଥ ସାମଲ ଅନ୍ୟତମ। ଧର୍ମଶାଳା ବ୍ଲକ ମହିଶରା ପଞ୍ଚାୟତ ଅନ୍ତର୍ଗତ ବରଡ଼ାଠାରେ ଅନୁଷ୍ଠିତ ତାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହରେ ବକ୍ତାମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଆଧ୍ୟାତ୍ମିକ ଅନୁରାଗୀ ବିଶ୍ୱନାଥ ରାଉତ ଯୋଗଦେଇ କାଶୀନାଥଙ୍କ ଜୀବନ ଦର୍ଶନକୁ ଆଚରଣ ଓ ଉଚ୍ଚାରଣରେ ପାଳନ କଲେ, ତାହା ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା ଯୋଗଦେଇ କାଶୀବାବୁଙ୍କ ଆଦର୍ଶ ଓ ନିରାଡମ୍ବର ଜୀବନ ଯାପନ ଶୈଳୀ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି କହିଥିଲେ। ସାମ୍ବାଦିକ ବସନ୍ତ କୁମାର ନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କାଶୀନାଥ ସାମଲ ଏ ଅଞ୍ଚଳ ପାଇଁ ଆଦର୍ଶ ସ୍ଥାନୀୟ ଥିଲେ ବୋଲି କହିଥିଲେ। ଶ୍ରଦ୍ଧାଞ୍ଜଳି ସଭା ଆରମ୍ଭରେ କାଶୀବାବୁଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିବା ବେଳେ, ତାଙ୍କର କନ୍ୟା କବୀ ସବିତା ନାୟକ ବେଦପାଠ କରି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ସ୍ୱର୍ଗତ ସାମଲଙ୍କ ସ୍ମୃତିରେ 'ମା' ସୁନ୍ଦରୀ ଦେବୀ ପାଠାଗାର, କାଦୁଅମାଗୁରା ପକ୍ଷରୁ ପ୍ରକାଶିତ ସ୍ମରଣିକା 'ଶ୍ରଦ୍ଧାସୁମନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଅଶୋକ ରାଉତ, ଆଡ୍‌ଭୋକେଟ୍ ଉମେଶ କୁମାର ଲେଙ୍କା, ସୁଜାତା ନାୟକ, ଯୁଧିଷ୍ଠିର ରାଉତ, ଆଶାତରୁ ନାୟକ, ରାଜେନ୍ଦ୍ର ପ୍ରଧାନ, ରଞ୍ଜନ କୁମାର ଜେନା, ବେଣୁଧର ସାମଲ, ଅଧ୍ୟାପକ ପ୍ରକାଶ ଚନ୍ଦ୍ର ବେହେରା, ଦାମୋଦର ସ୍ୱାଇଁ, ଗୋପାଳ ମହାରଣା, ଶରତ ରାଉତ, ଶ୍ୟାମ ସୁନ୍ଦର ଜେନା, ରାଧୁ ଚରଣ ସାମଲ, ଶ୍ରୀକାନ୍ତ ମହାପାତ୍ର, ଶରତ ଚନ୍ଦ୍ର ନାୟକ, ଦେବାଶିଷ ନାୟକ, ମାନସ ରଂଜନ ସାମଲ, ହିତେଶ ସାମଲ, ଗୋଦାବରୀ ସାମନ୍ତରାୟ ପ୍ରମୁଖ ଯୋଗଦେଇ ଦିବଂଗତ କାଶୀବାବୁଙ୍କ ସ୍ମୃତିଚାରଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ସ୍ୱର୍ଗତଃ ସାମଲଙ୍କ ପୁତୁରା ମୋହନ ସାମଲ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସଭାକୁ ସଞ୍ଚାଳନ କରିଥିଲେ। ପୁତ୍ର ସୁକାନ୍ତ ସାମଲ୍, ଭଣଜା ବିଚିତ୍ରନାଥ ପରିଡ଼ା, ସଭା ପରିଚାଳନା କରିଥିଲେ। ଶେଷରେ ବୋହୂ ଲିଟୁନ ଭଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡ଼ିଶା ମେଡିକାଲ୍ କର୍ମଚାରୀ ସଂଘର ନିର୍ବାଚନ ଅନୁଷ୍ଠିତ

ଭୁବନେଶ୍ୱର (ପିଏନ୍): ଅଲ୍ ଓଡ଼ିଶା ମେଡିକାଲ୍ କର୍ମଚାରୀ ସଂଘର ସାଧାରଣ ଅଧିବେଶନ ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଅଛି ? ସବୁ ଜିଲ୍ଲାରୁ କର୍ମଚାରୀମାନେ ଏକାଠି ହୋଇ ସେମାନଙ୍କ ସମସ୍ୟା ଓ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ପୂର୍ବତନ ବିଧାୟକ ଶ୍ରୀ ପ୍ରଭାତ ବିଶ୍ୱାଳଙ୍କ ନେତୃତ୍ୱରେ ଆଜିର ଏହି ଅଧିବେଶନ ବସିଥିଲା। ଏହି ଅଧିବେଶନର ମୂଳ ଉଦ୍ଦେଶ୍ୟ ଥିଲା ସଂଘର କିଛି ଦାବି ସରକାରଙ୍କ ପାଖରେ ପହଞ୍ଚାଇବା ଏବଂ ନୂତନ କର୍ମକର୍ତ୍ତା ନିର୍ବାଚନ କରିବା। ଯେଉଁମାନେ ବର୍ତ୍ତମାନ ସଂଘର ବିଭିନ୍ନ ପଦପଦବୀରେ ଅଛନ୍ତି ସେମାନଙ୍କର କାର୍ଯ୍ୟକାଳ ସରିଯାଇଥିବା ଯୋଗୁଁ ନୂତନ କର୍ମକର୍ତ୍ତା ବାଛିବା ଜରୁରୀ ହୋଇପଡ଼ିବାରୁ ଏହି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି ବୋଲି କହିଛନ୍ତି ଉପଦେଷ୍ଟା ଶ୍ରୀ ପ୍ରଭାତ ବିଶ୍ୱାଳ। ସମ୍ପାଦକ, ସଭାପତି ଓ କୋଷାଧ୍ୟକ୍ଷ ପାଇଁ ନିର୍ବାଚନ ହୋଇଛି। ଏ ନିର୍ବାଚନ ଗୋଟିଏ ପ୍ରକ୍ରିୟା। କର୍ମଚାରୀମାନେ ଉତ୍ସାହର ସହ ଏଭଳି ପ୍ରକ୍ରିୟାରେ ଅଭ୍ୟସ୍ତ ଅଛନ୍ତି ବୋଲି କହିଛନ୍ତି ଶ୍ରୀ ବିଶ୍ୱାଳ। ସେହିପରି ବହୁମତରେ ମୋର ସବୁ ଭାଇ ଭଉଣୀମାନେ ମୋତେ ସଭାପତି ରୂପେ ବାଛିଲେ ଓ ମୁଁ ୩୦ଟିଯାକ ଜିଲ୍ଲାର ୨୫ ହଜାରରୁ ଅଧିକ କର୍ମଚାରୀ ଭାଇମାନଙ୍କୁ ନେଇ ଚାଲିବି, ସବୁ କାମରେ ସମସ୍ତଙ୍କର ସହଯୋଗ, ଆଶୀର୍ବାଦ ଓ ପରାମର୍ଶ ନେଇ କାମ କରିବି ବୋଲି କହିଛନ୍ତି ନବନିର୍ବାଚିତ ସଭାପତି ଶ୍ରୀ ପୂର୍ଣ୍ଣଚନ୍ଦ ରାଉତ। ଆମ



କର୍ମଚାରୀ ସଂଖ୍ୟା ଦିନକୁ ଦିନ କମୁଥିବାରୁ ବହୁ କର୍ମଚାରୀ ଅବସର ଗ୍ରହଣ କରିଥିବା ସତ୍ତ୍ୱେ ସରକାର ଖାଲି ପଦବୀଗୁଡ଼ିକୁ ପୂରଣ କରିବା ପାଇଁ ୬ଟି ମେଡିକାଲ୍ କଲେଜ ଏବଂ ସମସ୍ତ ମେଡିକାଲ୍‌ରେ ଆଉଟ୍‌ସୋର୍ସିଂରେ ରହୁଥିବା କର୍ମଚାରୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବାପାଇଁ ଅବସର ବୟସସୀମା ୬୨କୁ ବୃଦ୍ଧି କରିବା ପାଇଁ ମାସିକ ରିସେସ୍ ଭତ୍ତା ୩୦୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ମୁଁ ସରକାରଙ୍କ ପାଖରେ ଦାବି ରଖିବି ଏବଂ କର୍ମଚାରୀମାନଙ୍କ ସ୍ୱାର୍ଥପାଇଁ ଲଢିବି ବୋଲି କହିଛନ୍ତି ସଂଘର ନବନିର୍ବାଚିତ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ। ମୁଁ ସମ୍ପାଦକ ଭାବେ ଏହି କାମକୁ ଆଗେଇନେବି ଏବଂ ସରକାର ଯଦି ଆମ ଦାବି ଓ ସମସ୍ୟା ପ୍ରତି ଧ୍ୟାନ ନ ଦିଅନ୍ତି, ତେବେ ଆଗାମୀ ଦିନରେ ସଂଘ ତରଫରୁ ସମସ୍ତ ସଦସ୍ୟମାନେ କଳାବ୍ୟାଚ୍ ପିନ୍ଧିବେ ଓ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ। ସେହିଭଳି ସଂଘର କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି ରାମଚନ୍ଦ୍ର ପ୍ରଧାନ।


# DISPLAY CLASSIFIED

**FOR ADVERTISEMENT CONTACT**

Phone No. (0674) 2555116/9853400829

Fax: (0674) 2550504

E-mail : paryabekhyak@gmail.com

editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**

**MPS PLAY HOME**

Where awareness nurtured, innocence blossoms.

*For*

PRE-NURSERY, NURSERY, L.K.G. & U.K.G.

N-3B-14/15, Ekamra Kanan Road,Nayapalli, BBSR

Tel : (0674) 2556225, 2558884, Fax : 2550504

Email : maharishipublicschool@yahoo.com

Web :www.maharishipublicschool.com

Mahaditya Publication

**VED BHAWAN**

Creating Peace, Progress & Prosperity

For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.

DO YOU NEED PUNDITS / ASTROLOGERS / VASTU EXPERTS ?

*Contact :*

Near Mukteswar Temple,

Sarbodaya Nagar, Puri.

N-3, B-14/15, MPS Campus, Nayapalli, Bhubaneswar

Ph. 0674-2550786, Fax : 0674-2550504

Email.: yagyaanusthan@sify.com

Phragyan Communication

**ADMISSION ON**

**MAHARISHI PUBLIC SCHOOL**

your gateway to complete education

*For*

PRE-NURSERY, NURSERY, L.K.G., U.K.G., Std-1 to Std-VIII

Baghra Road, Baripada

Tel-06792-255227

Email : maharishipublicschool@yahoo.com

Web :www.maharishipublicschool.com


## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଫୁଲନଖରା (ପିଏନ୍)-ଉରାଳୀ ନୋଡ଼ାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ପୃଷ୍ଟିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ବରିଷ୍ଠ ଶିକ୍ଷୟିତ୍ରୀ ସୁପ୍ରଭା ବେଜଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଶିକ୍ଷାବିତ ରଂଜନକୁମାର ଲେଙ୍କା, ରାଜକିଶୋର ପଣ୍ଡା, ବଶିଷ୍ଠ ରାଉତ, ପରିଚାଳନା କମିଟି ସଭାନେତ୍ରୀ ଦ୍ୱୀପାଳି ସାହୁ ପ୍ରମୁଖ ଯୋଗଦେଇ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପୃଷ୍ଟିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ମନ୍ଦାକିନୀ ସାମଲ, ଅନୁପମା ସାହୁ, ଉଷାରାଣୀ ସାହୁ, କବିତା ମହାପାତ୍ର, ନିରୁପମା ଶରଣ, ନୟନା ସାମନ୍ତରାୟ, ଦୀପ୍ତିମୟୀ ନାଟିଆ, ଶୁଭଶ୍ରୀ ସାହୁ, ମୈତ୍ରୀ ସାହୁ, ବିପିନ ବିହାରୀ ମହାପାତ୍ର, ସୁବ୍ରତ ନନ୍ଦି ପ୍ରମୁଖ ଶିକ୍ଷକ ଶିକ୍ଷିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ ଓ ପରିଚାଳନା କମିଟି ସଭ୍ୟ ଉପସ୍ଥିତ ଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ କଲ୍ୟାଣୀ ରାଉତ ଧନ୍ୟବାଦ ଦେଇଥିଲେ।

## ନିଖିଳ ଉତ୍କଳ ବାରିକ ସମିତିର କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱରସ୍ଥିତ ରୋଟାରୀ ଭବନଠାରେ ନିଖିଳ ଉତ୍କଳ ବାରିକ ସମିତିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କର୍ମକର୍ତ୍ତାମାନେ ଏକାଠି ହୋଇ ଆଗାମୀ କାର୍ଯ୍ୟକ୍ରମ ପ୍ରସ୍ତୁତି ପାଇଁ ଆଲୋଚନା କରୁଥିଲେ। ଆସନ୍ତା ଡିସେମ୍ବର ୨୦ ତାରିଖରେ ସଂଘ ତାର ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ମୁଖ୍ୟ ଅତିଥି ଭାବେ ମହାମହିମ ରାଜ୍ୟପାଳ ଯୋଗଦେବାକୁ ସଦୟ ସ୍ୱୀକୃତି ପ୍ରଦାନ କରିଥିବାରୁ ଏହି ଉତ୍ସବକୁ ଗରିମାମୟ କରିବା ସହ ହଜାର ହଜାର ସଂଖ୍ୟାର ବାରିକ ଭାଇମାନେ ଏହି ଉତ୍ସବକୁ ଆସି ସାଫଲ୍ୟ ମଣ୍ଡିତ କରିବା ପାଇଁ ଯୋଜନା ପ୍ରସ୍ତୁତ ହେଉଛି ବୋଲି କହିଛନ୍ତି ଅଲ୍ ଓଡ଼ିଶା ବାରିକ ସମିତିର ସାଧାରଣ ସମ୍ପାଦକ କୁଳମଣି ବାରିକ। ସେହିଭଳି ଓଡ଼ିଶାରେ ଆମ ଜାତିର ୨୭ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଅଛନ୍ତି, ଆମ ସମାଜର ଅର୍ଥନୈତିକ, ସାମାଜିକ ଓ ଶିକ୍ଷାର ଉନ୍ନତି ପାଇଁ ଆମେ କାମ କରିଆସୁଅଛୁ ଓ ଆଗାମୀ ଦିନରେ ସମସ୍ତେ ଏକାଠି ହୋଇ ପୁରୀ ଟାଉନ୍ ହଲ୍‌ରେ ପ୍ରତିଷ୍ଠା ଦିବସ ପାଳନ କରିବୁ ସ୍ୱଜାତି ମୁଖପତ୍ର ଉନ୍ମୋଚନ କରାଯିବ ବୋଲି କହିଛନ୍ତି ସାଧାରଣ ସମ୍ପାଦକ କୁଳମଣି ବାରିକ। ସେହିପରି ଆମ ପ୍ରତିଷ୍ଠା ଦିବସ ପାଳନ ପାଇଁ କଟକ ମେୟର ଶ୍ରୀ ସୁବାଷ ସିଂହ ଅତିଥି ଭାବରେ ଯୋଗଦେବାର ଅଛି। ପୁରୀର ଜାଡମଠଠାରେ ଆମ ମୁଖ୍ୟ କାର୍ଯ୍ୟାଳୟ ଥିବାରୁ ଆମେ ପୁରୀରେ ପ୍ରତିଷ୍ଠା ଦିବସ ପାଳନ କରିବା ପାଇଁ ନିଷ୍ପତ୍ତି ନେଇଛୁ ଏବଂ ଏହି ଉପଲକ୍ଷେ ୧ଲକ୍ଷ ଦୀପ ପ୍ରଜ୍ୱଳନ କରିବୁ ବୋଲି କହିଛନ୍ତି ସଂଘର ସମ୍ପାଦକ ଶ୍ରୀ ଶମ୍ଭୁପାଣି ପରିଚ୍ଛା। ବାରିକ ସମିତିର ନୂତନ କର୍ମକର୍ତ୍ତା ନିର୍ବାଚନ ମଧ୍ୟ ସେହି ପ୍ରତିଷ୍ଠା ଦିବସ ଦିନ କରାଯିବ।

## ଓଜେଏସ୍ ପାଇଲେ ଦୁର୍ଗାପ୍ରସାଦ ପଣ୍ଡା



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ବଡ଼କାଏମା ପଂଚାୟତ ବମ୍ପୁ ଗ୍ରାମର ଦୁର୍ଗାପ୍ରସାଦ ପଣ୍ଡା ଓଜେଏସ୍ ପରୀକ୍ଷାରେ କୃତୀତ୍ୱ ହାସଲ କରିଛନ୍ତି। ୧୨ ନମ୍ବର ର୍‌ୟାଙ୍କ୍ ପାଇ ସେ ଏହି ସଫଳତା ହାସଲ କରିଛନ୍ତି। ରାଜନୀତି ବିଜ୍ଞାନ ଛାତ୍ର ଦୁର୍ଗାପ୍ରସାଦ ସ୍ନାତକ ପରେ ଓଜେଏସ୍ ପରୀକ୍ଷା ଦେଇଥିଲେ। ପ୍ରଥମ ପ୍ରଚେଷ୍ଟାରେ ସେ ଓଜେଏସ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କ ବାପା ଆଇନଜୀବୀ ସୁରେନ୍ଦ୍ର ପଣ୍ଡା, ମା' ଶିକ୍ଷୟିତ୍ରୀ ନିବେଦିତା ଦାଶ, ବଡ଼ବାପା ଅବସରପ୍ରାପ୍ତ ଜଜ୍ ଗୟାଧର ପଣ୍ଡା ଓ ଶିକ୍ଷକମାନଙ୍କୁ ଶ୍ରେୟ ଦେଇଛନ୍ତି। ସୂଚନାଯୋଗ୍ୟ, ଓଜେଏସ୍ ପାଇବାରେ ଦୁର୍ଗାପ୍ରସାଦ ତାଙ୍କ ପରିବାରର ଷଷ୍ଠ ସଦସ୍ୟ। ପୂର୍ବରୁ ତାଙ୍କ ବଡ଼ବାପା, ବଡ଼ବୋଉ ମିନତୀ ପଣ୍ଡା, କକା ମାନସ କୁମାର ପଣ୍ଡା, ବଡ଼ବାପାଙ୍କ ପୁଅ (ଭାଇ) ରଜତ କୁମାର ପଣ୍ଡା, ଭାଉଜ ସୌମ୍ୟା ସୋନାଲିକା ପ୍ରଧାନ ଓଜେଏସ୍ ପାଇଛନ୍ତି। ବଡ଼ବାପା ଓ ବଡ଼ବୋଉ ବିଚାରପତି ପଦବୀରୁ ଅବସର ଗ୍ରହଣ କରିସାରିଛନ୍ତି। ଦୁର୍ଗାପ୍ରସାଦଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

## କଳିଙ୍ଗ ବୈଶ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ




ଭୁବନେଶ୍ୱର (ପିଏନ୍): ରୋଟାରୀ ଭବନଠାରେ ଭୁବନେଶ୍ୱର ଜୋନ୍ କଳିଙ୍ଗ ବୈଶ୍ୟ ସଂଘର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଭୁବନେଶ୍ୱର ସଭାପତି ପ୍ରଦୀପ କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଓଡ଼ିଶା କଳିଙ୍ଗ ବୈଶ୍ୟ ସଂଘର ରାଜ୍ୟ ସଭାପତି ପୁରୁଷୋତ୍ତମ ପାତ୍ରଙ୍କ ସହ ବିଭିନ୍ନ ଜିଲ୍ଲାରୁ ଆସିଥିବା ଜିଲ୍ଲା ସଭାପତିମାନେ ଯୋଗଦେଇଥିଲେ। ଆମେ ହେଲୁ ବ୍ୟବସାୟୀ ଜାତି, କଠିନ ପରିଶ୍ରମ କରୁଛୁ, ଆମର ଓଡ଼ିଶାରେ ୫୦ ହଜାରରୁ ଅଧିକ ପରିବାର ଅଛନ୍ତି, ୨୫୪ଟି ସଂଘ ଓଡ଼ିଶାରେ ଅଛି ଏବଂ ଭୁବନେଶ୍ୱରରେ ୩୧ଟି ସଂଘ କାମ କରୁଛି। ଆଜି ଆମେ ଆମର ସମସ୍ୟା ସମାଧାନ କରିବା ପାଇଁ ଆଲୋଚନା କରିଛୁ, ଆମର ଏଇଟା ରୁଟିନ୍ ସଭା। ପ୍ରତି ତିନିମାସରେ ବର୍ଷକୁ ଚାରି ଥର ଆମ୍ଭେମାନେ ଏକାଠି ହୋଇ ଆମ ସମସ୍ୟା ସବୁକୁ ସମାଧାନ କରିଥାଉ। ଆମର ଏଠି ସଂଘର ପ୍ରତିନିଧିମାନେ ଆସିଛନ୍ତି। ୧୦୦ ପରିବାରକୁ ନେଇ ଗୋଟିଏ ସଂଘ ହୋଇଥାଏ। ଆମର ଜାତିକୁ ସରକାର ଉଚିତ୍ ମାନ୍ୟତା ଦିଅନ୍ତୁ ବୋଲି କହିଛନ୍ତି କଳିଙ୍ଗ ବୈଶ୍ୟ ସଂଘର ଭୁବନେଶ୍ୱର ସଭାପତି ପ୍ରଦୀପ କୁମାର ପାତ୍ର। ସେହିଭଳି ସରକାରଙ୍କ ଉପରେ ଆମର କୌଣସି ଦାବି ପ୍ରସ୍ତାବ ନାହିଁ, କେବଳ ବାଚସ୍ପତି ଆମ ଜାତିର ହୋଇଥିବାରୁ ଆମକୁ ଓବିସି ପଛୁଆ ବର୍ଗରେ ସାମିଲ୍ କରାଯାଉ ବୋଲି କହିଥିଲେ। ହେଲେ ଓବିସିର ଚେୟାରମ୍ୟାନ ନଥିବାରୁ ଆମେ ଆଉ ଆଗକୁ ଯାଇପାରିଲୁ ନାହିଁ। ଆମ ଜାତିର ସର୍କୁଲାର ଅନୁସାରେ ଆମେ କୌଣସି ବିରୋଧ ଓ ଆନ୍ଦୋଳନ କରିପାରିବୁ ନାହିଁ। ଆମେ ହେଲୁ ବ୍ୟବସାୟୀ ଜାତି। ବର୍ତ୍ତମାନ ଆମ ଜାତିର ପିଲାମାନେ ପାଠ ପଢି ସରକାରୀ ଚାକିରୀ କଲେଣି। ଆଗକୁ ଆମ ପିଲାଙ୍କୁ ଚାକିରୀ ପାଇଁ ସରକାରୀ କୋଟା ସୁବିଧା ଆବଶ୍ୟକ ଥିବାରୁ ଆମକୁ ଓବିସିରେ ଅନ୍ତର୍ଭୁକ୍ତ କରାଯାଉ ବୋଲି ସରକାରଙ୍କୁ ଅନୁରୋଧ କରୁଛୁ ଏବଂ ଆସନ୍ତା ମାସରେ ଆମ ସଂଘର ନିର୍ବାଚନ ଅଛି ଓ ନୂଆ କର୍ମକର୍ତ୍ତା ନିର୍ବାଚିତ ହେଲାପରେ ଆଗାମୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ସଂଘର ରାଜ୍ୟ ସଭାପତି ପୁରୁଷୋତ୍ତମ ପାତ୍ର।




# ବାପା ମାଆ ଓ ଭାଇ ଜେଲ ଯିବା ପରେ ଏବେ ଅସହାୟ ଦୁଇ ଝିଅ, ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ

ନୂଆପଡ଼ା,(ପି.ଏନ): ଗତବର୍ଷ ସେପ୍ଟେମ୍ବର ୧୨ ତାରିଖରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ପୁଲିସ ତଦନ୍ତ କରି ୧୫ ତାରିଖରେ ଶବ ଜବତ କରି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଖଡ଼ିଆଳ ବ୍ଲକ ଅନ୍ତର୍ଗତ ରିଷିଗାଁରେ ସୁମିତ୍ରା ଦଳ ନାମକ ମହିଳାଙ୍କୁ ହତ୍ୟା ଅଭିଯୋଗରେ ତାଙ୍କ ସ୍ୱାମୀ ଚିତମନ ଦଳ, ଶ୍ୱଶୁର ଦ୍ରୋଣ ଦଳ ଓ ଶାଶୁ ପୁନେ ଦଳଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିଲା। ବାପା ମାଆ ଓ ଭାଇଙ୍କ ଜେଲ ଯିବା ପରେ ଏବେ ଅସହାୟ ହୋଇ ପଡିଛନ୍ତି ଦ୍ରୋଣ ଦଳଙ୍କ ଦୁଇ ଝିଅ ଲକ୍ଷ୍ମୀ ଓ ଅଷ୍ଟମୀ। ଅଷ୍ଟମୀ ଅଷ୍ଟମରେ ପଢୁଥିବା ବେଳେ ଘରର ସବୁ ଦାୟିତ୍ୱ ଲକ୍ଷ୍ମୀ ଉପରେ। ଘରେ ଯାହାକିଛି ଥିଲା କେଶ ଲଢ଼ିବାରେ ସରିଯାଇଛି। ଏବେ ଘରେ ଖାଇବାକୁ ଚାଉଳ ମୁଠେ ମଧ ନାହିଁ।ଲକ୍ଷ୍ମୀ ମୂଳ ଲାଗି ଦୁଇ ଭଉଣୀଙ୍କ ପେଟକୁ ଦାନା ଯୋଗାଡ଼ କରୁଥିବା ବେଳେ ଏବେ ତାହା ମଧ ବନ୍ଦ ହୋଇଯାଇଛି। ଫଳରେ ସବୁଦିନ ଖାଇବାକୁ ମିଳୁନାହିଁ ବୋଲି ଦୁଇ ଭଉଣୀ କହୁଛନ୍ତି। ମାସେ ତଳେ ସାନ ଭଉଣୀ ଅଷ୍ଟମୀର ପେଟ ରୋଗ ବାହାରିଲା। ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ଦେଖାଇ ଔଷଧ ଖାଇଲେ ମଧ ରୋଗ କମିଲା ନାହିଁ ବରଂ ବଢିବାକୁ ଲାଗିଲା। ଏବେ ପେଟ ବଢିବାକୁ ଲାଗୁଛି। ଘରେ ଟଙ୍କା ନଥିବାରୁ ଅଧିକ ଚିକିତ୍ସା କରି ହେଉ ନଥିବା ସେମାନେ କହୁଛନ୍ତି। ସ୍ମାର୍ଟ କାର୍ଡ ଥିଲେ ମଧ କାମକୁ ଆସୁନି। ସାନ ଭଉଣୀର ଦେଖାରେଖା କରିବା ପାଇଁ ଲକ୍ଷ୍ମୀ କୌଣସି କାମକୁ ଯାଇ ପାରୁନି, ଫଳରେ ଅଭାବରେ ରହିବାକୁ ବାଧ ହେଉଛନ୍ତି। ଏନେଇ ଖଡ଼ିଆଳ ଡାକ୍ତରଖାନାର ଇନଚାର୍ଜ ରଞ୍ଜିତ ରାଉତଙ୍କୁ ପଚାରିବାରୁ ଏକ ଡାକ୍ତରୀ ଦଳ ପଠାଇ ତଦନ୍ତ କରିବେ ଓ ଆବଶ୍ୟକୀୟ ଚିକିତ୍ସା ସୁବିଧା ଯୋଗାଇ ଦେବେ ବୋଲି କହିଛନ୍ତି।ଖାଲି ରୋଗ ପାଇଁ ହନ୍ତସନ୍ତ ହେଉ ନାହାନ୍ତି ଦୁଇ ଭଉଣୀ, ତାଙ୍କର ପଡି କାର୍ଡ ଥିଲେ ମଧ ତିନି ମାସ ହେଲା ଚାଉଳ ପାଇ ନଥିବା ଅଭିଯୋଗ କରିଛନ୍ତି। ସେମାନେ ରହୁଥିବା ମାଟି ଘର ଭାଙ୍ଗିବାକୁ ବସିଲାଣି। କାନ୍ଥରୁ ମାଟି ଖସି ପଡୁଛି।ଦୀର୍ଘ ଦିନରୁ ଘର ଖଣ୍ଡେ ପାଇଁ ଆବେଦନ କଲେ ମଧ ଘର ମିଳୁନାହିଁ। ଏବେ ତାଙ୍କ ପାଇଁ ଆହା ସାହା କେହି ନାହାନ୍ତି। ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଥିବା ବେଳେ ପ୍ରାପ୍ୟ ଖାଦ୍ୟଶସ୍ୟ ଯୋଗାଇ ଦେବାକୁ ସ୍ଥାନୀୟ ସରପଂଚ ପ୍ରତିଶ୍ରୁତି ଦେଇଛନ୍ତି।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୁତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଏକ ଶୃଙ୍ଖଳିତ ସମାଜ ପାଇଁ ଶିକ୍ଷାନୁଷ୍ଠାନ ତମାଖୁମୁକ୍ତ ହେବା ପ୍ରଥମ ଆବଶ୍ୟକତା

ପୁରୀ,(ପି.ଏନ):ଏକ ଶୃଙ୍ଖଳିତ ସମାଜ ପାଇଁ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରଥମେ ତମାଖୁମୁକ୍ତ ହେବା ଆବଶ୍ୟକ ବୋଲି କହିଛନ୍ତି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ର କୁଳପତି ରବିନ୍ଦ୍ର କୁମାର ପଣ୍ଡା। ଜାତୀୟ ସ୍ୱାସ୍ଥ୍ୟ ମିଶନ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ ଜିଲ୍ଲା ତମାଖୁ ନିୟନ୍ତ୍ରଣ ବିଭାଗ ର ମିଳିତ ସହଯୋଗରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାର ୪୧ ଜଣ ଜାତୀୟ ସେବା ସଂସ୍ଥା ର କାର୍ଯ୍ୟକ୍ରମ ଅଧିକାରୀଙ୍କୁ ନେଇ ଜାତୀୟ ତମାଖୁ ନିୟନ୍ତ୍ରଣ କାର ?ୟକ୍ରମ ଆନୁକୁଲ୍ୟରେ ତମାଖୁମୁକ୍ତ ଶିକ୍ଷାଂଚଳ ଶୀର୍ଷକ ତାଲିମ୍, ଅନୁସ୍ଥାପନ ଓ ଆଲୋଚନା ଚକ୍ର କୁ ଉଦଘାଟନ କରି ଶ୍ରୀପଣ୍ଡା,ତମାଖୁ ର ଭୟାବହତା ଓ କ୍ୟାନସର ରୋଗୀ ଉପରେ ବକ୍ତବ୍ୟ ରଖିଥିଲେ। ଏଥିରେ ଡାକ୍ତର ବିରଜା ଶଂକର ରଥ, ଡାକ୍ତର ଲଳିତ କୁମାର ଦାସ, ଡିଏସପି ମନୋବ୍ରତା ଶତପଥୀ,କମିଟି ସଭ୍ୟ ତଥା ସମାଜସେବୀ ବଦ୍ରି ହମିଶ୍ର, ରାଷ୍ଟ୍ରୀୟ ବାଲ୍ୟ ସ୍ୱାସ୍ଥ୍ୟ ସମିତି ର ପ୍ରଶାନ୍ତ ପରିଜା,ପିଜି କାଉନସିଲ ଅଧକ୍ଷ ଶତୃଘ୍ନ ପାଣିଗ୍ରାହୀ, ଜିଲ୍ଲା ଏନ୍ଏସଏସ ର କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଜଗବନ୍ଧୁ ମିଶ୍ର ଓ ସଭ୍ୟ ମଧୁସୂଦନ ମିଶ୍ର ଅତିଥି ଭାବେ ଯୋଗଦେଇ ତମାଖୁ ବିକ୍ରୀ, ଶିକ୍ଷାନୁଷ୍ଠାନ ଓ ସରକାରୀ-ବେସରକାରୀ କାର୍ଯ୍ୟାଳୟ କୁ ସଂପୂର୍ଣ୍ଣ ତମାଖୁମୁକ୍ତ,କୋଟପା ଆଇନ୍ ର କାର୍ଯ୍ୟକାରିତା, ବିଜ୍ଞାପନ ରେ ସତର୍କ ସୂଚନା, ତମାଖୁ ସେବନରେ କ୍ୟାନସର,ହୃଦରୋଗ ,ଯକୃତ ରୋଗ ସହ ପରିବାର ବିଶୃଙ୍ଖଳା ଉପରେ ମତାମତ ରଖିଥିଲେ। ଏହି କାର୍ଯ୍ୟକ୍ରମ ରେ ତମାଖୁ ନିୟନ୍ତ୍ରଣ ଜନିତ ପରିସଂଖ୍ୟାନ ଓ ତଥ୍ୟ ଉପରେ ଭିଜୁଆଲ ଚଳଚିତ୍ର ପ୍ରଦର୍ଶିତ ହୋଇଥିଲା।

## ଠାକୁର ଅନୁକୂଳ ଚନ୍ଦ୍ର ଙ୍କ ଆଗମନ ଶତବାର୍ଷିକୀ ପ୍ରସ୍ତୁତି ବୈଠକ

ପୁରୀ,(ପି.ଏନ): ଠାକୁର ଅନୁକୂଳ ଚନ୍ଦ୍ର ପୁରୀ କୁ ୧୯୨୩ ମସିହା ଜାନୁଆରୀ ମାସ ରେ ଆଗମନ କରିଥିଲେ।ଏହି ଆଗମନର ୧୦୧ ବର୍ଷ ପୂର୍ତି ପାଳନ ନିମିତ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଆଜି ଅପରାହ୍ନ ରେ ଅନୁଷ୍ଠିତ ହୋଇଥିଲା।ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ ଏଥିରେ ଅଧକ୍ଷତା କରି ଆସନ୍ତା ଜାନୁୟାରୀ ୮ ତାରିଖରେ ଏହି ଆଗମନ ଦିବସ କୁ ପାଳନ କରିବାକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଉତ୍ସବ କମିଟି ପ୍ରଶାସନ କୁ ଅନୁରୋଧ କରିଛନ୍ତି।ତେଣୁ ଏହାକୁ ଶୃଙ୍ଖଳା ର ସହ ପରିଚାଳନା ପାଇଁ ବିଭିନ୍ନ ବିଭାଗ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ।ଏହି କାର ?ୟକ୍ରମ ତାଳବଣିଆ ଠାରେ ଆୟୋଜିତ ହେବ। ତେଣୁ ଆଇନ ଶୃଙ୍ଖଳା ବ୍ୟବସ୍ଥା, ପରିମଳ ବ୍ୟବସ୍ଥା, ସ୍ୱାସ୍ଥ୍ୟ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା,ଗାଡି ପାର୍କିଂ ଓ ଟ୍ରାଫିକ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁନିୟନ୍ତିତ କରିବାକୁ ସେ ପରାମର୍ଶ ଦେଇଥିଲେ।କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକୀୟ ବ୍ୟବସ୍ଥା କରିବାକୁ ବିଭିନ୍ନ ଅଧିକାରୀ ମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ।ପ୍ରାରମ୍ଭରେ ଉତ୍ସବ କମିଟି ର ସମ୍ପାଦକ ତମ୍ବରୁଧର ଦାସ ସମସ୍ତ ଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ବୈଠକରେ ଉପଜିଲ୍ଲାପାଳ ଭବତାରଣ ସାହୁ, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡିଆଇବି ର ଡିଏସପି ହେମନ୍ତ କୁମାର ପଣ୍ଡା,ଏଡିଏମଓ ଡା ବି ବି ରଥ,ପୁରୀ ତହସିଲଦାର କ୍ଷିରୋଦ କୁମାର ବେହେରା, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଆଇଆଇସି ଚିନ୍ମୟ ରାଉତ,ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ, ଜିଲ୍ଲା ପର ?ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଅନ୍ୟାନ୍ୟ ଅଧିକାରୀ ଓ ଉତ୍ସବ କମିଟିର ସଦସ୍ୟ ମାନେ ଯୋଗ ଦେଇ ଆଲୋଚନା ରେ ଅଶଂଗ୍ରହଣ କରିଥିଲେ।

## OFFICE OF THE MUNICIPAL COUNCIL, TALCHER

DIST :ANGUL

Phone No. (06760) 240259 E-mail ID : e.o. talcher@gmail.com

No. 3846/ Date- 17.11.2022

### QUOTATION CALL NOTICE

The Executive Officer, Talcher Municipality on behalf of Talcher, Dist- Angul invites sealed quotations from the intending registered firms/authorized dealers/distributors/ suppliers and manufacturers of supply & installation of CC TV at the side of heritage & Health Corridor in the Office of the Talcher Municipality. The prescribed quotation schedule can be obtained from the Cashier section of Talcher Municipality on payment of Rs. 600/- ( Rupees Six hundred) only excluding GST @ 18% (non-refundable) in shape of cash in favour of the Executive Officer, Talcher Muncipality from date 18.11.2022 to date 28.11.2022 up to 1.00 P.M. during office hour except holidays.

The quotation paper along with all documents should reach the undersigned by person on or before date 18.11.2022 up to 1.00 P.M. And this office will in no way be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotationer or their authorized representative if any. The quotation received beyond the schedule date and time will not be considered at all.

All terms and conditions may be seen in the quotation proforma. The undersigned has rights to accept cancel or reject any or all the quotations without assigning any reason thereof.

| Sl. No | PRODUCT DESCRIPTION | QNTY |
|---|---|---|
| 1 | HIKVISION 16 CH NVR 1 SATA K1 SERES | 01 PCS |
| 2 | HIKVISON 2 MP IP BULLET IR 30 MTR | 12PCS |
| 3 | 7TB SURVEILLANE HDD (WD) | 1 PC |
| 4 | 8 PORT POE SWITCH | 2 PC |
| 5 | P2P DEVICE TP-LINK | 1 PAIR |
| 6 | CAT 6 OUTDOOR CABLE | AS CONSUMED |
| 7 | RJ-45 CONNECTOR | 30 PCS |
| 8 | 4 PORT GIGABYTE DESKTOP SWITCH | 1 PC |
| 9 | INSTALLATION | |
| 10 | TV (monitor) Inverter, Labour charges etc extra | |

Executive Officer
Talcher Municipality

## OFFICE OF THE MUNICIPAL COUNCIL, TALCHER

DIST :ANGUL

Phone No. (06760) 240259 E-mail ID : e.o. talcher@gmail.com

No. 3843/17.11.2022

### QUOTATION CALL NOTICE

The Executive Officer, Talcher Municipality on behalf of Talcher. Dist- Angul invites sealed quotations from the intending registered firms/authorized dealers / distributors/ suppliers and manufacturers of supply &installation of 6 kg ABC Fire Extinguisher in the Office of the Talcher Municipality & other places of Talcher. The prescribed quotation schedule can be obtained from the Cashier section of Talcher Municipality on payment of Rs 600/- (Rupees Six hundred) only excluding GST @18% (non – refundable) in shape of cash in favour of the Executive Officer, Talcher Municipality from date 18.11.2022 to date 28.11.2022 up to 1.00 PM during office hour except holidays.

The quotation paper along with all documents should reach the undersigned by person on or before date 28.11.2022 up to 1.00 PM. And this office will in no way be responsible for any delay in receipt of the quotation documents. The quotation will be opened on the same date at 3.00 PM in presence of the quotation or their authorized representative if any. The quotation received beyond the schedule date and time will not be considered at all .

All terms and conditions may be seen in the quotation proforma. The undersigned has rights to accept. Cancel or reject any or all the quotations without assigning any reason thereof

| Sl No. | Description | Price per unit |
|---|---|---|
| 1. | Supply fitting & fixing of 6 Kg ABC Fire Extinguisher ISO protection for all type of Fire including supply of all necessary joining materials at site. | Per unit |

Executive Officer

Talcher Municipality


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada






# ନିଖିଳ ଉତ୍କଳ ଶିଶୁମେଳା ସମିତି ପକ୍ଷରୁ ଶିଶୁମେଳା ଉତ୍ସବ ପାଳିତ



ଦର୍ପଣ, (ପି.ଏନ): ନିଖିଳ ଉତ୍କଳ ଶିଶୁମେଳା ସମିତି ଆନୁକୂଲ୍ୟରେ ଗାନ୍ଧୀଛକସ୍ଥିତ ମା ଯଶୋଦା ଉଚ୍ଚ ବିଦ୍ୟାଳୟ ପରିସରରେ ନଭେମ୍ବର ୧୪ ଓ ୧୫ ତାରିଖ ଦୁଇଦିନ ଧରି ଶିଶୁମେଳା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୧୫ ତାରିଖ ଅପରାହ୍ନ ୪ ଗଟିକା ସମୟରେ ଆୟୋଜିତ ଉତ୍ସବରେ ନିଖିଳ ଉତ୍କଳ ଶିଶୁମେଳା ସମିତିର ଅଧ୍ୟକ୍ଷ ଡ.ପ୍ରିୟନାଥ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଇଂ ଯଦୁନାଥ ମହାପାତ୍ର, ମୁଖ୍ୟବକ୍ତା ଭାବେ ଶିଶୁ ସାହିତ୍ୟିକ ଡ.ରାଜକିଶୋର ପାଢୀ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ନୃସିଂହ ଚରଣ ସାହୁ, ଶିଶୁ ପତ୍ରିକା ଝୁମୁକାର ସଂପାଦକ ମାନସ ରଞ୍ଜନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ମୁଖ୍ୟ ଅତିଥି ଓ ସମସ୍ତ ଅତିଥିବୃନ୍ଦ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ଉଜ୍ଜ୍ୱଳନ କରିଥିଲେ। ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମତିତଥିକୁ ଶିଶୁ ଦିବସ ଭାବେ ସାରା ଭାରତ ବର୍ଷରେ ପାଳନ କରାଯାଉଛି। ଆଜିର ଅଧ୍ୟୟନରତୟ ଛାତ୍ରଛାତ୍ରୀମାନେ ଶିକ୍ଷାପ୍ରତି ଧ୍ୟାନ ଦେଇ ପାଠ ପଢିଲେ ସେମାନେ ଆସନ୍ତାକାଲି ଭଲ ମଣିଷ ହୋଇ ସୁନାମ ଅର୍ଜଣ କରିପାରିବେ ବୋଲି ଅତିଥିମାନେ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ମାନସ ରଞ୍ଜନ ସାମଲ, ନୃସିଂହ ଚରଣ ଶାହୁ, ଶ୍ରୀମତୀ ମମତା ମହାପାତ୍ର, ଗଣେଶ୍ୱର ପ୍ରଧାନ, ଶ୍ରୀମତୀ ପ୍ରମିଳା ନାୟକ, ଶ୍ରୀମତୀ ପ୍ରିୟତମା ଜେନା, ଶ୍ରୀମତୀ ଜ୍ୟୋସ୍ନାମୟୀ ସାହୁ, ଶ୍ରୀମତୀ ରୀତାଞ୍ଜଳି ସେଠି, ସମ୍ବାବତପତ୍ର ବିତରକ ସତ୍ୟବାଦୀ ସ୍ୱାଇଁ, ଶ୍ରୀମତୀ ଗୋଲାପ ଓଝା ମାନଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଛ ଦେଇ ମୁଖ୍ୟ ଅତିଥି ଇଂ ଯଧୁନାଥ ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ ଏବଂ ଗତ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସରସ୍ୱତୀ ଶିଶୁ ମନ୍ଦିର ବାଲିଚନ୍ଦ୍ରପୁରର ଛାତ୍ର ଶୁଭମ ଶତପଥୀଙ୍କୁ କ୍ଷୀରୋଦ ଚନ୍ଦ୍ର ନାୟକ, ଶକୁନ୍ତାଳା ନାୟକ ସ୍ମୃତି ପୁରସ୍କାର ଓ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ଛାତ୍ରୀ କୁମାରୀ କ୍ରିଷ୍ଣାଙ୍ଗୀ ନାୟକଙ୍କୁ ପୁରସ୍କାର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## କଳିଙ୍ଗ ବାଲିଯାତ୍ରା ପରେ ସମୂହ ବେଳାଭୂମି ସଫେଇ-ସାମିଲ ହେଲେ ବହୁ ଗଣ ଅନୁଷ୍ଠାନ

ପାରାଦୀପ,(ପି.ଏନ) : ପାରାଦୀପ ସାଗର ବେଳାଭୂମି ବିଜୁ ମଇଦାନରେ ଗତ ୭ ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟ' ଆଠ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିଲା କଳିଙ୍ଗ ବାଲିଯାତ୍ରା ମହୋତ୍ସବ । ଏହି ମହୋତ୍ସବ ସରିବା ପରେ ବେଳାଭୂମିରେ ପଡି ରହିଥିଲା ବହୁ ବର୍ଯ୍ୟବସ୍ତୁ । ପାରାଦୀପର ଏହି ସୁନ୍ଦର ବେଳାଭୂମିକୁ ପରିଷ୍କାର କରିବା ପାଇଁ ଆହ୍ୱାନ ଦେଇଥିଲେ ପୌରପାଳ ବସ' ବିଶ୍ୱାଳ । ଶ୍ରୀ ବିଶ୍ୱାଳଙ୍କ ଆହ୍ୱାନକ୍ରମେ ବୁଧବାର ଦିନ ପାରାଦୀପର ଏହି ବେଳାଭୂମିରେ ପାରାଦୀପ ପୌରପାଳିକା ସମେତ ପାରାଦୀପ ଅଂଚଳର ବହୁ ଗଣ ଅନୁଷ୍ଠାନ ସଫେଇ କରିବା ପାଇଁ ସ୍ୱଇଛାରେ ଆସି ସାମିଲ ହୋଇଥିଲେ । ପୌରପାଳ ଶ୍ରୀ ବିଶ୍ୱାଳ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଥିବାରୁ ଧନ୍ୟବାଦ ଜଣାଇଥିଲେ । ପାରାଦୀପର କାର୍ଯ୍ୟରତ ସାମ୍ବାଦିକମାନେ ଆଗ୍ରହର ସହିତ ଏହି ସମାଜମଙ୍ଗଳ କାର୍ଯ୍ୟରେ ସାମିଲ ହୋଇ ବେଳାଭୂମି ସଫେଇ କରିଥିଲେ, ଯାହା ଅନ୍ୟମାନଙ୍କୁ ଏକ ଭିନ୍ନ ବାର୍ତା ଦେଇଥିଲା।

## ପ୍ରଥମ ଶ୍ରାଦ୍ଧ ବାର୍ଷିକ ପାଳିତ

ଦର୍ପଣ,(ପି.ଏନ): ବଡ଼ଚଣା ବ୍ଲକ ନିକଟସ୍ଥ ଶାସନ ପୁରୁଷୋତ୍ତମପୁର ଗ୍ରାମର ଶତାୟୁ ମହିଳା ସ୍ୱର୍ଗୀୟା ସରସ୍ୱତୀ ବାରିକ୍‌ଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ତା ୧୪/୧୧/୨୦୨୨ରିଖ ସୋମବାର ଦିନ ସମାଜସେବୀ ପ୍ରଦୀପ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଶତାୟୁ ମହିଳାଙ୍କ ଫଟୋ ଚିତ୍ରରେ ମଲ୍ୟାର୍ପଣ , ଧୂପ, ଦୀପ ପ୍ରଦାନ କରାଯାଇ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା। ପଣ୍ଡିତ ବୃନ୍ଦାବନ ଓତା, ପଣ୍ଡିତ ସତ୍ୟନାରାୟଣ ମିଶ୍ର, ପଣ୍ଡିତ ରଘୁନାଥ ପଣ୍ଡା, ପଣ୍ଡିତ ନରୋତ୍ତମ ପାଣିଗ୍ରାହୀଙ୍କ ଦ୍ୱାରା ଗୀତା ଯଜ୍ଞ, ଭାଗବତ ପଠନ କରାଯିବା ସହିତ ପୁତ୍ର ଇଂ ଭବାନୀ ପ୍ରସାଦ ବାରିକଙ୍କ ଦ୍ୱାରା ଶ୍ରାଦ୍ଧୋତର୍ପଣ କରାଯଇଥିଲା। ଏହି ଅବସରରେ ଅନାଥ ଆଶ୍ରମରେ ଖାଦ୍ୟ ଏବଂ ବସ୍ତ୍ର ବଣ୍ଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ନିର୍ମଳ ଚନ୍ଦ୍ର ମିଶ୍ର (ପ୍ରାକ୍ତନ ଜିଲ୍ଲାପାଳ) ସବିତା ବାରିକ (ପ୍ରଧାନଶିକ୍ଷୟିତ୍ରୀ), ଶ୍ୟାମସୁନ୍ଦର ସାହୁ (ସମାଜସେବୀ), ରାଜ କିଶୋର ବାରିକ, ରୀନାରାଣୀ ଆଚାର୍ଯ୍ୟ, ରାଜାରାମ ଆଚାର୍ଯ୍ୟ, ଅମ୍ବିକା ପ୍ରସାଦ ମିଶ୍ର, ରସ୍ମିତା ରାଣୀ ତରସିଆ, ସଚିବ, ମାନସ ରଞ୍ଜନ ତରସିଆ(ତହସିଲଦାର) ପ୍ରମୁଖ ଯୋଗଦେଇ ସ୍ୱର୍ଗୀୟା ବାରିକ୍‌ଙ୍କର ସ୍ମୃତିଚାରଣ କରିବା ସହିତ ବିଦେହି ଆତ୍ମାର ସଦ୍‌ଗତି ନିମେ ପ୍ରଭୁ ଜଗନ୍ନାଥ ନିକଟରେ ପ୍ରାର୍ଥନା କରିଥିଲେ। ଶେଷରେ ରେଲୱେ ବିଭାଗର ଡେ଼ପୁଟି ଚିଫ ଇଂଜିନିୟର ଅମ୍ବିକା ପ୍ରସାଦ ବାରିକ ସମସ୍ତ ଆଗତ ଅତିଥିଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପର କାର୍ଯ୍ୟରତ ସାମ୍ବାଦିକଙ୍କ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପରିସରରେ ଏକ କାର୍ଯ୍ୟକ୍ରମ ଅୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ମିଶ୍ର ସଭାପତିତ୍ୱ କରିଥିଲେ । ସାମ୍ବାଦିକ ଶୁକଦେବ ଜେନା,ଶରତ କୁମାର ରାଉତ,ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ । ସାମ୍ବାଦିକ ଶଶାଙ୍କ ଶେଖର ଆଚାର୍ଯ୍ୟ ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ ଜଗନ୍ନାଥ ଶତପଥି ,ସୁଧାଂଶୁ ଶେଖର ନାୟକ,ଦୀପକ କୁମାର ବେହେରା,ଦୀପକ ଦାସ । ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ଏସ୍.ୟୁ.ଜେ.ର ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ଜେନା । ସକାଳେ ଏହି କାର୍ଯ୍ୟରତ ସାମ୍ବାଦିକମାନେ ପାରାଦୀପ ବେଳାଭୂମି ସଫେଇ କରିଥିଲେ । ଯେଉଁ ଠାରେ ଗତ ବାଲିଯାତ୍ରା ପରେ ଅଳିଆ ଗଦା ହୋଇ ରହିଥିଲା ।

## ଧୃର୍ପଦା ଓଭରବ୍ରିଜ୍ ଓ ମୁଖ୍ୟ ରାସ୍ତାରେ ଷ୍ଟ୍ରିଟ ଲାଇଟ୍ ଜଳିଲା

କେନ୍ଦୁଝର,(ପି.ଏନ): ଦୀର୍ଘ ମାସ ଧରି ଅଚଳ ହୋଇଥିବା ଷ୍ଟ୍ରିଟ୍ ଲାଇଟକୁ ଶୁକ୍ରବାର ଦିନ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ସଜଡା ଯାଇଛି। ଏହି ୨ଟି ହାଇମାକ୍ସ ଲାଇନ,୩୫ ଟି ଷ୍ଟ୍ରିଟ ଲାଇଟ କିଛି ମାସ ହେଲା ଖରାପ ହୋଇଥିବାରୁ ସଜାଡ଼ିବା ପାଇଁ ପଦକ୍ଷେପ ନିଆଯାଉନଥିଲା। ଧୃର୍ପଦା ଓଭରବ୍ରିଜ୍ ,ସର୍ଭିସ ରୋଡ ଓ ମୁଖ୍ୟ ରାସ୍ତା ଜାତୀୟ ରାଜପଥ ୪୯ ରାତ୍ରି ସମୟରେ ଅନ୍ଧକାରମୟ ହୋଇ ରହୁଥିଲା। ଅନ୍ଧାର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟ ଚାଲି ଆସୁଥିଲା।

## ୨୨ତମ ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦ୍‌ଘାଟିତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ ଓ ବୃହତ ବନ୍ଦର କ୍ରିଡା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ଗୁରୁବାର ଦିନ ପୂର୍ବାହ୍ନରେ ପାରାଦୀପ ଜୟଦେବ ସଦନ ପରିସରରେ ୨୨ତମ ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଭାରତୀୟ କୋଷ୍ଟଗାର୍ଡର ଡି.ଆଇ.ଜି. ଓାଇ.କେ.ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ବୃହତ ବନ୍ଦର ସାଂସ୍କୃତିକ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତା ଅତିଥି ଭାବେ ପାରାଦୀପ ଲେଡିଜ୍ କ୍ଲବ୍‌ର ଉପସଭାନେତ୍ରୀ ସୁଚିଶ୍ମିତା ବୋଷ ଯୋଗ ଦେଇଥିଲେ । ଭାରତ ବର୍ଷର ୯ ଗୋଟି ବୃହତ ବନ୍ଦରର ୨୦୦ ପ୍ରତିଯୋଗୀ ଚଳିତ ବର୍ଷର ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି । ଉଦଘାଟନୀ ସମାରୋହରରେ ଆୟୋଜନ କମିଟିର ଅଧ୍ୟକ୍ଷ ଡି.ଏନ୍.ସୋନ୍ଧି ପୌରହିତ୍ୟ କରିଥିଲେ। ଉପାଧ୍ୟକ୍ଷ ଦିପକ ରଥ,ସମ୍ପାଦକ ଡା.ଡି.ପି.ସେଠୀ ଏହି ଅବସରରେ ନିଜସ୍ୱ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ରଂଜନ ରଶ୍ମୀ ବେଉରା ପରିଚାଳନା କରିଥିଲେ । ପ୍ରତିଯୋଗୀମାନେ କ୍ଲାସିକାଲ ଭୋକାଲ, ଲାଇଟ୍ ଭୋକାଲ,ବାଦ୍ୟଯନ୍ତ୍ର,ନୃତ୍ୟ,ଡ୍ରାମା ଆଦି ବିଭାଗରେ ଅଂଶଗ୍ରହଣ କରିବେ । ସଂଧ୍ୟାରେ ମୁମ୍ବାଇର ଜବାହାର ନେହେରୁ ବନ୍ଦରର ପ୍ରତିଯୋଗିମାନେ କଳା ନୈପୁଣ୍ୟ ପ୍ରଦର୍ଶନ କରିବା ପରେ କୋଲକତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦରର କଳାକାରମାନେ ସେମାନଙ୍କର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ । ଏହି ପ୍ରତିଯୋଗିତା ୨୦ ତାରିଖ ଦିନ ଉଦଯାପିତ ହେବ ବୋଲି ପାରାଦୀପ ବନ୍ଦର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି ।

## ଜେ.ଏସ୍.ଡବ୍ଲ୍ୟୁ ପକ୍ଷରୁ ଆଲୋକୀକରଣ ଓ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା

ପାରାଦୀପ,(ପି.ଏନ): ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଅଂଚଳର ଗଡକୁଜଙ୍ଗ ଗ୍ରାମ ପଂଚାୟତ ସମେତ ପାରାଦୀପ ସହରାଂଚଳର ବିଭିନ୍ନ ସ୍ଥାନରେ ଆଲୋକୀକରଣ ସହିତ ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । ଦିର୍ଘ ଦିନ ଧରି ପାରାଦୀପ ପୌରାଂଚଳର ନେହେରୁ ବଙ୍ଗଳା, ମଧୁବନ ମୁଣ୍ଡାପଡା ଅଂଚଳର ଲୋକମାନେ ରାତ୍ରି ସମୟରେ ଯାତାୟତ କରିବା ସମୟରେ ଆଲୋକର ଅଭାବ ଯୋଗୁଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏହି ଅଂଚଳର ଲୋକମାନେ ଆଲୋକୀକରଣ ପାଇଁ ଜେ.ଏସ୍.ଡବ୍ଲ୍ୟୁ ଫାଉଣ୍ଡେସନ୍‌କୁ ସହାୟତା ନିମନ୍ତେ ନିବେଦନ କରିଥିଲେ । ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ସମସ୍ୟାର ଅନୁଧ୍ୟାନ କରି ଫାଉଣ୍ଡେସନ ପକ୍ଷରୁ ୭୫ଟି ସୋଲାର ଲାଇଟ୍ ସ୍ଥାପନ କରାଯାଇଛି । ସେହିପରି ପ୍ରସ୍ତାବିତ ପ୍ରକଳ୍ପ ଅଂଚଳର ଢିଙ୍କିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର,ପାରାଦୀପ ମାଛଧରା ବନ୍ଦର ସମେତ ପାରାଦୀପ ସହରାଂଚଳର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର,ସରକାରୀ ବିଦ୍ୟାଳୟ ଓ ଗୋଷ୍ଠୀ କେନ୍ଦ୍ରମାନଙ୍କରେ ଘଂଟା ପ୍ରତି ୫୦ ଲିଟର ବିଶୁଦ୍ଧ ପାନୀୟ ଜଳ ଯୋଗାଉଥିବା ଆଧୁନିକ ଜ୍ଞାନ କୌଶଳରେ ନିର୍ମିତ ଓାଟର ପିୟୁରିଫାୟର ପ୍ରଦାନ କରାଯାଇଛି । ଫଳରେ ଶତାଧିକ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପାଇପାରୁଛନ୍ତି । ପୂର୍ବରୁ ବିଭିନ୍ନ ସ୍ଥାନରେ ଫାଉଣ୍ଡେସନ୍ ପକ୍ଷରୁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ଫାଉଣ୍ଡେସନ୍ ପକ୍ଷରୁ ସୂଚନା ଦିଆଯାଇଛି ।



## ଏସ୍‌କେ.ଏକାଡେମୀ ପକ୍ଷରୁ ଶିଶୁ ଦିବସ ପାଳିତ

ପାରାଦୀପ, (ପି.ଏନ) ପାରାଦୀପଗଡ ଶିଳ୍ପାଂଚଳରେ ଥିବା ଏସ୍.କେ. ଏକାଡେମୀ ପକ୍ଷରୁ ଶିଶୁ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା କିଶୋର ଚନ୍ଦ୍ର ସାହୁ, ମୁଖ୍ୟ ଉପଦେଷ୍ଟା ମଥୁରାନନ୍ଦ ପରିଡା,ଦୁର୍ଯ୍ୟୋଧନ ମହାରଣା,ସଭାପତି କୈଳାସ ଚନ୍ଦ୍ର ସାହୁ, ସମ୍ପାଦକ ବିମଳ ପଟନାୟକ,ଶିକ୍ଷା ପରାମର୍ଶଦାତା ପ୍ରମୋହ କୁମାର ପତି, ଓଡିଶା ସାମ୍ବାଦିକ ସଙ୍ଗଠନର ରାଜ୍ୟ ଉପସଭାପତି ଉପେନ୍ଦ୍ର ଗୁରୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଚେୟାରମାନ ପ୍ରଭାତ କୁମାର ସାହୁ ପୁରସ୍କାର ପ୍ରଦାନ କରିଥିଲେ । ଶିକ୍ଷକ ସୁରେଶ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ କାର୍ଯ୍ୟକାରୀ ଅଧ୍ୟକ୍ଷା ଅନିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଅସହାୟମାନଙ୍କୁ ଶୀତବସ୍ତ୍ର ପ୍ରଦାନ କଲେ ସମାଜସେବୀ ପ୍ରିତୀରଂଜନ




ପାରାଦୀପ, ପି.ଏନ) ପବିତ୍ର ପ୍ରଥାମାଷ୍ଟମୀ ଅବସରରେ ପାରାଦୀପ ଅଂଚଳର ଅସହାୟମାନଙ୍କୁ ଶୀତବସ୍ତ୍ର ପ୍ରଦାନ କରିଛନ୍ତି ସମାଜସେବୀ ପ୍ରିତୀରଂଜନ ମହାପାତ୍ର। ବୁଧବାର ପବିତ୍ର ପ୍ରଥମାଷ୍ଟମୀ ଦିନ ପୂର୍ବାହ୍ନରେ ପାରାଦୀପର ଷଣ୍ଢକୁଦ ଅଂଚଳର ୫୦ରୁ ଉର୍ଦ୍ଧ୍ୱ ଅସହାୟ ପୁରୁଷ ଓ ମହିଳାମାନଙ୍କୁ କମ୍ବଳ, ବିସ୍କୁଟ,କେକ୍ ଆଦି ପ୍ରଦାନ କରାଯାଇଥିଲା । ଶ୍ରୀ ମହାପାତ୍ର ହେଉଛନ୍ତି କୁଜଙ୍ଗ ୩ ନମ୍ବର ଜୋନ୍‌ର ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ । ବିଭିନ୍ନ ସମୟରେ ସମାଜର ଅବହେଳିତ, ନିଷ୍ପେସିତମାନଙ୍କୁ ସହାୟତା ପ୍ରଦାନ କରି ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଆଗାମୀ ଦିନରେ ସମାଜର ସବୁ ବର୍ଗର ଲୋକମାନଙ୍କୁ ସହାୟତା ପ୍ରଦାନ କରିବାରେ ସକ୍ରିୟ ସହଯୋଗ କରିବେ ବୋଲି ଶ୍ରୀ ମହାପାତ୍ର କହିଛିଁ । ଶୀତବସ୍ତ୍ର ପ୍ରଦାନ କରିବା ପରେ ସ୍ଥାନୀୟ ଲୋକମାନେ ଶ୍ରୀ ମହାପାତ୍ରଙ୍କର ଏହି ଉଦ୍ୟମକୁ ପ୍ରଶଂସା କରିଛନ୍ତି ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray